# ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା; ଲୋକାରଣ୍ୟ ଉଭାସ୍ଥଳ





ତାଳଚେରସଦର, ୨୨।୪(ସମିସ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଆଜି ଆରମ୍ଭ ହୋଇଯାଇଛି। ନଅଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇ ମା' ହିଙ୍ଗୁଳାଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ମନ୍ଦିରର ପଶ୍ଚିମ ଦିଗରେ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ ହାଇସ୍କୁଲ ପଛପାଖ ଗଜରାଜ ପଡ଼ିଆ ନିକଟରେ ମା' ଆର୍ବିଭାବ ହୋଇଛନ୍ତି। ତେଣୁ ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଉଭାସ୍ଥଳୀକୁ ଆଜି ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ଓ ସେହି ଅଞ୍ଚଳଟି ଲୋକାରଣ୍ୟ ହୋଇପଡ଼ିଥିଲା। ଅପରାହ୍ନରେ ମା'ଙ୍କ ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ ଦିଅଁଘରୁ ବଡ ମଣ୍ଡପ(ହିଙ୍ଗୁଳା ମନ୍ଦିର)କୁ ଅଣାଯାଇଥିଲା। ସେଠାରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ପ୍ରମୁଖ ଶାବରୀ ମତରେ ପୂଜା କରିଥିଲେ।

ଅପରପକ୍ଷରେ ଆଞ୍ଚଳିକ ଠିକା ମଜଦୁର ସଂଘ, ତାଳଚେର, ମହାନଦୀ କୋଲଫିଲ୍ଡସ୍ ଠିକାଦାର ସଂଘ, ତାଳଚେର ଓ କଣିହାଁ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ, ମହେଶ କୁମାର ଅଗ୍ରୱାଲ, ମା' ହିଙ୍ଗୁଳା ଅନ୍ନବସ୍ତ୍ର କମିଟି ଡ୍ରାଇଭର ସଂଘ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଆଜି ବାଇପାସ୍ ଛକଠାରୁ ଆରମ୍ଭ ହୋଇ ହାତତୋଟା ହାଣ୍ଡିଧୁଆଁ, ଡେରା ବଲାଣ୍ଡା ଆଦି ମୁଖ୍ୟ ଛକମାନଙ୍କରେ ଶ୍ରଦ୍ଧାଳୁମାନଙ୍କୁ ଦହି ସର୍ବତ, ତରଭୁଜ, ଆଇସକ୍ରିମ ଓ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଅନ୍ନପ୍ରସାଦ ପାଇବାକୁ ଶ୍ରଦ୍ଧାଳୁମାନଙ୍କର ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ତାହା ସହିତ ହିଙ୍ଗୁଳା କୋଇଲାଖଣି କର୍ମଚାରୀ ସଂଗଠନ, ଜାଗୃତି ମହିଳା ମଣ୍ଡଳ, ହିଙ୍ଗୁଳା ଟ୍ରକ ମାଲିକ ସଂଘ(ନୂଆ ଓ ପୁରୁଣା), ଗୋପାଳପ୍ରସାଦ ଟ୍ରକ ମାଲିକ ସଂଘ, ତାଳଚେର ଟ୍ରକ ମାଲିକ ସଂଘ ସତ୍ୟସାଇ ସେବା ସଂଗଠନ, ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଳଚୋ ହାଟତୋଟାଠାରୁ ମା'ଙ୍କ ଭବ୍ୟ ମନ୍ଦିର ପର୍ଯ୍ୟନ୍ତ ଥଣ୍ଡା ପାନୀୟ ଜଳ, ଦହି, ସରବତ, ତରଭୁଜ, ଆଖୁରସ ଆଦି ବଣ୍ଟନ କରାଯାଇଥିଲା। ଅଂଶୁଘାତର ମୁକାବିଲା ପାଇଁ ଉଭାସ୍ଥଳୀରେ ଜଳ ସିଞ୍ଚନ, ଅଂଶୁଘାତ ଚିକିତ୍ସା କେନ୍ଦ୍ର, ଆଶୁ ଚିକିତ୍ସା ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ବିଶ୍ରାମ ଗୃହ ଆଦି ଖୋଲା ଯାଇଛି। ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ, ଅନନ୍ତ ଆମ୍ବୁଲାନ୍ସ, ମା' ହିଙ୍ଗୁଳା ଆମ୍ବୁଲାନ୍ସ ଡିଭିଜନ ସମେତ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ଥାନୀୟ କଳମଛୁଇଁ ଓ ଗୋପାଳପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ମା'ଙ୍କ ଉଭାସ୍ଥଳୀରେ ୟୁଟ୍ୟୁବରେ ମଧ କରାଯାଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଭାବାନ କଳାକାର ଯୋଗ ଦେଇ ନିଜର ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ







ହିଙ୍ଗୁଳା ସାଂସ୍କୃତିକ ମଞ୍ଚର ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଉଭୟ ମନ୍ଦିର ଓ ଉଭାସ୍ଥଳୀରେ ସିସିଟିଭି କ୍ୟାମେରା ଲଗାଯାଇ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନଙ୍କୁ ସୂଚନା ପ୍ରଦାନ ପାଇଁ ଉଭୟ ଉଭାସ୍ଥଳ ଓ ମନ୍ଦିର ପରିସରରେ ସୂଚନା କେନ୍ଦ୍ର ଖୋଲାଯାଇଛି। ଏହି ଯାତ୍ରାର ସିଧା ପ୍ରସାରଣ ପ୍ରାର୍ଥନା ଟିଭି ସହ ସ୍ଥାନୀୟ ତାଳଚେର ଟିଭି (ଟିଟିଭି) ରେ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଧା ପ୍ରସାରଣ କରିବେ। ମନ୍ଦିର ପରିସରରେ ଥିବା ପଡ଼ିଆରେ ପ୍ରାୟ ଚାରି ଶହରୁ ଅଧିକ ଷ୍ଟଲ ନିର୍ମାଣ କରାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ବିଭିନ୍ନ ଛକ ରାସ୍ତାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ବେଳେ ଦୁର୍ଘଟଣା ଏଡାଇବାକୁ ୱାନ ୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ସେହିପରି ଯାତ୍ରୀମାନଙ୍କ ପାଇଁ ମା' କରଡେଇ ପୀଠ ନିକଟସ୍ଥ ପଡ଼ିଆ, ଗଜରାଜ ଷ୍ଟାଡିୟମରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ମା' ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଚଳିତ ମାସ ୩୦ ତାରିଖ ଦିନ ସମାପନ ହେବ।

## କିଶୋରନଗର ବ୍ଲକର ବିଭିନ୍ନ ସ୍ଥାନରେ ହିଙ୍ଗୁଳା ଯାତ୍ରା



କିଶୋରନଗର, ୨୨।୪(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଓ ସୋଲଣ୍ଡା ଗ୍ରାମରେ ସୋମବାର ଦିନ ମା' ହିଙ୍ଗୁଳାଙ୍କ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ମା'ଙ୍କର ପୁରୁଣା ପୀଠଠାରେ ଯଥା ରୀତିନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା। ପରେ ଏକ ବିମାନରେ ମା'ଙ୍କୁ ବସାଇ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ନାମ ସଂକୀର୍ତ୍ତନ, ଘଣ୍ଟବାଦ୍ୟ, ସହବାଜା, ବାଣ ମାଧ୍ୟମରେ ନଗର ପରିକ୍ରମା କରାଯାଇ ଯାତ୍ରା ମଣ୍ଡପକୁ ଅଣାଯାଇଥିଲା। ସେଠାରେ ପୁଣି ମା'ଙ୍କୁ ପୂଜା କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଯାତ୍ରାରେ ଭିଡ ଦେଖିବାକୁ ମିଳିଥିବାବେଳେ ବ୍ୟବସାୟ ପାଇଁ ବହୁ ଦୋକାନୀଙ୍କ ମେଳଣ ହୋଇଥିଲା। ଗ୍ରାମ ସଭାପତି ବିବେକା ବିଶ୍ୱାଳ, ସୁରେଶ ପ୍ରଧାନ, ବଂଶୀଧର ସାହୁ, ହେମନ୍ତ ବିଶ୍ୱାଳ, କୁମୁଦ ସାହୁ, କଳ୍ପତରୁ ସାହୁ, ହିମାଂଶୁ ପ୍ରଧାନ, ଅରୁଣ ସାହୁ, ସୁଶୀଲ ବିଶ୍ୱାଳ, ବୃଷଭ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବଇଣ୍ଡାର ମା' ମଙ୍ଗଳା ସାହିଠାରେ ମା' ମଙ୍ଗଳାଙ୍କର ବାର୍ଷିକ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି।

## ଅନ୍ଧାରରେ କୁଳାସିଂହାର ୫୦ ପରିବାର

ଅନୁଗୋଳ, ୨୨।୪(ସମିସ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା ମାଣିକଯୋଡ଼ି ପଞ୍ଚାୟତ କୁଳାସିଂହା ଗାଁର ୫୦ ପରିବାର ଗତ ୪ ଦିନ ହେବ ଅନ୍ଧାରରେ ରହିଛନ୍ତି। ଗତ ୨୦ ତାରିଖ ସକାଳେ ଏକ ଜେସିବି ଗାଁର ଏକ ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଇଥିଲା। ଏଥିରେ ଖୁଣ୍ଟଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏନେଇ ବିଦ୍ୟୁତ୍ ବିଭାଗକୁ ଗ୍ରାମବାସୀ ଅବଗତ କରିଥିଲେ



ମଧ୍ୟ ଆଜି ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଗାଁର ପ୍ରାୟ ୫୦ ପରିବାର ଅନ୍ଧାରରେ ରହିଛନ୍ତି। ପ୍ରବଳ ଖରାରେ ଗାଁ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ସେହିଭଳି ଗାଁର ୧୦ରୁ ଊର୍ଦ୍ଧ୍ୱ ଏଲ୍‌ଆଇ ପଏଣ୍ଟରୁ ପାଣି ଉଠିପାରୁନଥିବାରୁ ଚାଷବାସ କାମ ବ୍ୟାହତ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଟାଟା ପାୱାର ପକ୍ଷରୁ ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମା' ହିଙ୍ଗୁଳାଙ୍କ ଯାତ୍ରା ଉପଲକ୍ଷେ ଜଳଛତ୍ର

କୁଇଓ, ୨୨।୪(ସମିସ): ଅଗ୍ନିରୂପା ମା' ହିଙ୍ଗୁଳା ଯାତ୍ରା ଉପଲକ୍ଷେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭବାନୀ ଷ୍ଟୋନ କ୍ରସର ଏବଂ ଦୁର୍ଗା ପାଉଁଶ ଇଟା ପକ୍ଷରୁ ତାଳତଇଲା ତାରିଣୀ ମନ୍ଦିର ଠାରେ ଜଳଛତ୍ର ଖୋଲାଯାଇଛି। ପ୍ରତ୍ୟେକବର୍ଷ ପରି ଏବର୍ଷ ମଧ୍ୟ ଅନୁଗୋଳଠାରୁ ଗୋପାଳଗଡ଼ ମା' ହିଙ୍ଗୁଳା ଯାତ୍ରା ଦେଖିବାକୁ ଭକ୍ତମାନେ ସେଠାକୁ ଯାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି କ୍ରସର ମାଲିକ ଅଜୟ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର ଖୋଲାଯାଇ ଭକ୍ତମାନଙ୍କୁ ଦହିପାଣି, ସର୍ବତ, ଥଣ୍ଡା ପାଣି ଏବଂ ତରଭୁଜ ଦିଆଯାଇଥିଲା।




- ଆଳୁ ଖୁଚୁରା ବଜାରରେ ନିଆଁ

## କେଜି ପିଛା ଦର ୪୦ ଟଙ୍କା

ଅନୁଗୋଳ, ୨୨।୪(ସମିସ): ସମଗ୍ର ରାଜ୍ୟରେ ଗତ ସପ୍ତାହରେ ଆଳୁର ଅଭାବ ଦେଖା ଦେଇଛି। ବେଙ୍ଗଲରୁ ଓଡ଼ିଶାକୁ ନିୟମିତ ଆଳୁ ଆସୁଥିବାବେଳେ ଏବେ ଉତ୍ପାଦନ କମ ହେତୁ ବେଙ୍ଗଲ ଆଳୁ ଯୋଗାଣ ବନ୍ଦ କରିଦେଇଛି। ଫଳରେ ବେପାରୀମାନେ ୟୁପିରୁ ପୁରୱା, ରାୟବରେଲି ଆଦି ଆଳୁ ଆଣିବାକୁ ଚେଷ୍ଟା କରୁଛନ୍ତି। ହେଲେ ସେଠି ମଧ୍ୟ ମଣ୍ଡିରେ ଉଚ୍ଚା ଦର ହେତୁ ଆଳୁ ଦର ହଠାତ୍ ବଢ଼ିଛି। ଅନୁଗୁଳ ଜିଲ୍ଲାରେ ଆଳୁ ମିଶନ ଫେଲ୍ ମାରିବା ଗ୍ରାହକଙ୍କ ପାଇଁ ଅଧିକ ସଂକଟ ସୃଷ୍ଟି କରିଛି। ଗତ ରବିବାର ହାଟରେ ଆଳୁଦର କେଜି ୩୦ ଟଙ୍କା ଥିବାବେଳେ ଆଜି ଡେଲି ମାର୍କେଟ ଖୁଚୁରାବଜାରରେ ଆଳୁ ଦର କେଜି ପିଛା ୪୦ ଟଙ୍କା ଛୁଇଁଛି। ଜଣେ ଖୁଚୁରା ବିକ୍ରେତା କହିଛନ୍ତି



କି ଦିନ ଦୁଇଦିନ ମଧ୍ୟରେ ଆଳୁଦର ୪୫ ରୁ ୫୦ ଟଙ୍କା ହୋଇପାରେ। ଏଣୁ ଚୁପ୍ ଚାପ୍ ବସିଥିବା ଜିଲ୍ଲା ଯୋଗାଣ ବିଭାଗ ବେଳହୁଁ ବିକଳ୍ପ ବ୍ୟବସ୍ଥା ନକଲେ ପରିସ୍ଥିତି ସଂଗୀନ ହୋଇଯିବ। ଗରିବର ପରିବା ଆଳୁ ଯଦି ଏଭଳି ମହଙ୍ଗା ହେବ ତେବେ ଜନଅସନ୍ତୋଷ ନିଶ୍ଚୟ ବୃଦ୍ଧି ପାଇବ।

## ବଢୁଛି ପ୍ଲାଷ୍ଟିକ୍ ପ୍ରଦୂଷଣ; ବିଗୁଡୁଛି ପରିବେଶ



ତାଳଚେରସଦର, ୨୨।୪(ସମିସ)

ଆଜି ବିଶ୍ୱ ଧରିତ୍ରୀ ଦିବସ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷା ନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ। ଗତ ଦୁଇ ଦଶନ୍ଧି ମଧ୍ୟରେ ତାଳଚେର ଅଞ୍ଚଳ ପରିବେଶ କ୍ଷେତ୍ରରେ ଅନେକ ଅବକ୍ଷୟ ଘଟିଛି। ତାଳଚେରର ଜଳ, ସ୍ଥଳ ଓ ବାୟୁ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। କଳ କାରଖାନାର ଉଡନ୍ତା ପାଉଁଶ, କୋଇଲା ଖଣିର କୋଇଲା ଗୁଣ୍ଡ ଅହରହ ଭାରୀଯାନ ଚାଲିବା ଯୋଗୁ ତୀବ୍ର ଗତିରେ ପ୍ରଦୂଷଣ ବୃଦ୍ଧିପାଉଛି। ଜଳବାୟୁକୁ ବିଷାକ୍ତ ସାଙ୍ଗକୁ ବ୍ରାହ୍ମଣୀ ନଦୀରେ ବିଭିନ୍ନ କାରଖାନାର ଆବର୍ଜନା ଯୋଗୁ ବ୍ରାହ୍ମଣୀ ଜଳ ମଧ୍ୟ ଜହର ପାଲଟିଛି। ହଜାର ହଜାର ଗ୍ରାମବାସୀ ଓ ସହରବାସୀ ଜଳ କଷ୍ଟ ଭୋଗୁଛନ୍ତି। ଖାଲି କାଗଜପତ୍ରରେ ବନୀକରଣଚାଲିଛି ଆଉ ରାସ୍ତା କଡ଼ରେ ନୂଆ ଗଛ ଦେଖିବାକୁ ମିଳୁନାହିଁ। ଯେଉଁଠି ଯାହା ଗଛ ଲାଗିଥିଲା ରକ୍ଷଣ ବେକ୍ଷଣ ଅଭାବରୁ ଅଭାବରୁ ତାହା ସବୁ ମରିଯାଉଛି। ତାଳଚେର ଅଞ୍ଚଳରେ ଖଣି ଖାଦାନ କଳକାରଖାନା ଯୋଗୁ ତାପମାତ୍ରା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ପ୍ରଦୂ ପ୍ରଦୂଷଣ ଯୋଗୁ ଚାଷ କାର୍ଯ୍ୟ ଉଜୁଡିବାକୁ ବସିଛି। ବର୍ଷାଦିନେ ବନୀକରଣ ଯୋଜନାକୁ ତ୍ୱରାନ୍ୱିତ କରାଯାଉନାହିଁ। ତାଳଚେର ପୌରଅଞ୍ଚଳ ଅଙ୍ଗାରୁଆଠାରେ ଓ ରାଣୀପାର୍କ ଭିତରେ ପ୍ଲାଷ୍ଟିକ ଷ୍ଟକ ଆବର୍ଜନାରେ ଭରପୁର ହୋଇଯାଇଛି। ବର୍ତ୍ତମାନ ପ୍ଲାଷ୍ଟିକ ଜରି ବ୍ୟାଗ୍ ଦୋକାନ ବଜାରରେ ହାଉଯାଉ। ଭୋଜିଭାତ ହେଲେ ପ୍ଲାଷ୍ଟିକ ଗ୍ଲାସ ଆଉ ପ୍ଲାଷ୍ଟିକ ଗିନାର ବହୁଳ ବ୍ୟବହାର ହେଉଛି। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ମାନିବାକୁ କେହି ପ୍ରସ୍ତୁତ ନୁହନ୍ତି। ପରିବେଶ ପ୍ରଦୂଷଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ ପରିସ୍ଥିତି ବିଗିଡିଯିବାର ସମ୍ଭାବନାକୁ ଏଡାଇ ଦେଇ ହେବନି। କଳକାରଖାନାରୁ ନିର୍ଗତ ଧୂଆଁ ଓ ଧୂଳିକୁ ନିୟନ୍ତ୍ରିତ କରିବାକୁ ଅନୁଗୋଳରେ ରହିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ ନାମକୁମାତ୍ର। କଳକାରଖାନାଗୁଡିକ ପ୍ରଦୂଷଣ ନୀତିନିୟମ ପାଳନ କରୁଛନ୍ତି କି ନାହିଁ ତାହା ଉପରେ ପ୍ରଦୂଷଣ ବୋର୍ଡ ଯାଞ୍ଚ କରୁନଥିବା ଅନୁଭବ ହେଲାଣି।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ୭ ପରିବାରକୁ ସହାୟତା



ବଅଁରପାଳ, ୨୨।୪(ସମିସ): ବଅଁରପାଳ ବ୍ଲକ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ତେନ୍ତୁଳିହତା ଗ୍ରାମରେ ବିଜୁଳି ସର୍ଟସର୍କିଟ ଯୋଗୁ ୭ ପରିବାରଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରଙ୍କ ନିକଟରେ ସମାଜସେବୀ ଗଙ୍ଗାଧର ସାମଲ, ଅନୁଗୋଳ ବିଜେଡି ଯୁବନେତା ଅରୁଣାଭ ସିଂହ, ପୂର୍ବତନ ସରପଞ୍ଚ ଉତ୍ସବ ଦେହୁରୀ ପହଞ୍ଚିଥିଲେ। ବିପନ୍ନ ପରିବାର ଗୁଡିକ ହେଲେ ଧୀରେନ୍ ନାଏକ, ଚରଣ ନାଏକ, ପ୍ରଦୀପ ନାଏକ, ଅନୀ ନାଏକ, ପିଣ୍ଟୁ ନାଏକ, ଦୀପୁ ନାଏକ ଓ କଲ୍ୟାଣ ନାଏକ। ଗ୍ରାମବାସୀଙ୍କ ସୂଚନା ମୁତାବକ ଦ୍ୱିପ୍ରହର ତିନି ଘଟିକା ସମୟରେ ଧୀରେନ ନାଏକଙ୍କ ଘର ପାଖରେ ଥିବା ବିଜୁଳି ତାରରୁ ସର୍ଟସର୍କିଟ ହୋଇ ଘରେ ନିଆଁ ଲାଗିଥିଲା। ସମାଜସେବୀଙ୍କ ପକ୍ଷରୁ ୭ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ସହ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଆଠମଲ୍ଲିକ, ୨୨।୪(ସମିସ): ଆଠମଲ୍ଲିକ ଉପଖଣ୍ଡ ୧୦ ନମ୍ବର ୱାର୍ଡ ବଡଦାଣ୍ଡ ସାହି ନିବାସୀ ଲକ୍ଷ୍ମୀ ମିଶ୍ରଙ୍କର ଆଜି ପରଲୋକ ଘଟିଛି। ଶ୍ରୀ ମିଶ୍ର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ସୁଧାରଞ୍ଜନ ମିଶ୍ର, ବୋହୂ, ନାତିନାତୁଣୀ, ନାତୁଣୀ ଜ୍ୱାଇଁ ଅବିନାଶ ଷଡ଼ଙ୍ଗୀଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।



## କାରୁବାକୀ ମହୋତ୍ସବ ଉଦ୍‌ଯାପିତ

# 'କଳା ଓ ସାହିତ୍ୟ ସମାଜରେ କ୍ରାନ୍ତି ଆଣିପାରେ'

ଢେଙ୍କାନାଳ, ୨୨।୪ (ସମିସ)



ସ୍ଥାନୀୟ ଗୋପବନ୍ଧୁ ଟାଉନ୍‌ହଲ୍‌ଠାରେ କାରୁବାକୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଦଲ ବିହାରୀ ପଟ୍ଟନାୟକ ସେବାନିବୃତ୍ତ ବିଚାରପତି ତଥା ଆଇନଜୀବୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଓଡ଼ିଶା କଲ୍ୟାଣ ସେବା ଅଧିକାରୀ ତଥା ସମାଜସେବୀ ଲଳିତ ପଟ୍ଟନାୟକ ମୁଖ୍ୟ ଅତିଥି, ବିଶ୍ୱନାଥ ବେହେରା ଅବସରପ୍ରାପ୍ତ ରାଜ୍ୟ ସଚିବାଳୟ ସେବା, ଅତିରିକ୍ତ ସଚିବ, ପ୍ରଫେସର ଅଟଳ ବିହାରୀ ଦାଶ, ଅବନୀ ମିଶ୍ର, ଉପସଭାପତି, ରାଜ୍ୟ ଲୋକକଳା ସଂଘ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ କଳାକାରମାନଙ୍କ ନୃତ୍ୟ ସଙ୍ଗୀତର ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏହି ଶତରୂପା ଅନୁଷ୍ଠାନର ସ୍ରଷ୍ଟା ସ୍ୱର୍ଗତ ବିପିନ ବିହାରୀ ପଟ୍ଟନାୟକଙ୍କ ଅଦମ୍ୟ ନିଷ୍ଠା, ଉଦ୍ୟମ ଓ ସଂଘର୍ଷ ଏ ଅନୁଷ୍ଠାନକୁ ଦୀପ୍ତିମନ୍ତ କରିଛିବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେଉଁ ଜାତିର କଳା ସାହିତ୍ୟ ସଂସ୍କୃତି ଯେତେ ଉନ୍ନତ ସେ ଜାତିର ଇତିହାସ ସେତିକି ଗୌରବମୟ। ନୃତ୍ୟ ସଙ୍ଗୀତ, ମଞ୍ଚ ଅଭିନୟ କେବଳ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ନୁହେଁ। ଏମାନେ ମଧ୍ୟ ସମାଜରେ କ୍ରାନ୍ତି ଆଣି ପାରନ୍ତି। ଅତୀତରେ ଯେତେବେଳେ ଓଡିଆ ଭାଷା ତାର ଅସ୍ତିତ୍ୱ ହରାଇବାକୁ ବସିଥିଲା ଓଡିଆ ବୀରଙ୍କ ପରାକ୍ରମକୁ ତଳିତଳାନ୍ତ କରିବାକୁ ଯାଇ କଳିଙ୍ଗ ଓଡ଼ିଶାକୁ ଭାଗଭାଗ କରି ମାଡ୍ରାସ ପ୍ରେସିଡେନ୍ସି, ବଙ୍ଗଳା, ବିହାର, ମଧ୍ୟପ୍ରଦେଶରେ ମିଶାଇ ଦିଆଯାଇଥିଲା, ସେତେବେଳେ ପାଠ ପଢ଼ିବାକୁ ହେଲେ ଛାତ୍ରଛାତ୍ରୀମାନଙ୍କୁ ତ୍ରିଭାଷୀ ଶିକ୍ଷା କରିବାକୁ ପଡୁଥିଲା। ମେଟ୍ରିକ ଏନ୍‌ଟ୍ରାନ୍ସ ପରୀକ୍ଷା ଦେବାକୁ କଲିକତା, ପାଟଣା ଯିବାକୁ ପଡୁଥିଲା। ସେତେବେଳେ କେତେକ ମୁଷ୍ଟିମେୟ ବଙ୍ଗାଳି ପ୍ରଚାର କଲେ ଯେ 'ଓଡିଆ ଏକଟା ସ୍ୱତନ୍ତ୍ର ଭାଷା ନଏ'। ସେ ଘଡିସନ୍ଧି ମୁହୂର୍ତ୍ତରେ ଜନ୍ମନେଲେ ଉତ୍କଳ ଗୌରବ ମଧୁ ସୂଦନ, ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ, ବ୍ୟାସକବି ଫକୀର ମୋହନ, ସ୍ୱଭାବକବି ଗଙ୍ଗାଧର, କବିବର ରାଧାନାଥ। ଲେଖି ଚାଲିଲେ ଓଡିଆ ଭାଷାର ଅନେକ ଉପନ୍ୟାସ, କାବ୍ୟକବିତା, ଗଳ୍ପ। ଗାଁ ସହରାଞ୍ଚଳରେ ମଧୁବାବୁଙ୍କ, ଗୋପବନ୍ଧୁ, ନୀଳକଣ୍ଠ ଭୁବନାନନ୍ଦ ଦାସଙ୍କ ଭାଷଣ ଭାଷା ଆନ୍ଦୋଳନ। ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ, ସୁଆଙ୍ଗ, ମୋଗଲତାମସା ଗାଁ ଗାଁରେ ପରିବେଷଣ କରାଯାଇ ଓଡିଆ ଭାଷାର ସ୍ଥିତି ଜାହିର କରିବା ସହ ଭାଷା ଆନ୍ଦୋଳନ ତେଜିଉଠିଲା। ମଧୁବାବୁଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ଗଠନ ହେଲା। ସାଇମନ୍ କମିଶନଙ୍କ ରିପୋର୍ଟ ଆଧାରରେ ବିଲାତରେ ଗୋଲଟେବୁଲ ବୈଠକ ବସି ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସ୍ୱୀକୃତି ମିଳିଲା। ୧୯୩୬ ମସିହା ରେଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଗଲା। କଳା, ସାହିତ୍ୟ, ଅଭିନୟ କେବଳ ମନୋରଞ୍ଜନକାରୀ ନୁହେଁ ଏହା ସମାଜରେ ବିପ୍ଳବ ବା କ୍ରାନ୍ତି ଆଣିପାରେ। ପରିଶେଷରେ ଢେଙ୍କାନାଳ ବୁଦ୍ଧିଜୀବୀ, ସାମ୍ବାଦିକ ମାନଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଜଣାଇ ଥିଲେ ଯେ, ସମ୍ବଲପୁର ସୁନ୍ଦରଗଡ଼ର ଲୋକକଳା ଯେପରି ସମ୍ବଲପୁରୀ, କଳାହାଣ୍ଡିର ଯେପରି ଘୁମୁରାନୃତ୍ୟ, ମୟୁରଭଞ୍ଜ ଯେପରି ଛଉନୃତ୍ୟ, କୋରାପୁଟର ଯେପରି ଟାଙ୍କୁ ସେମିତି ଢେଙ୍କାନାଳର ଅତୀତରେ 'ଛଉନୃତ୍ୟ' ପ୍ରସିଦ୍ଧି ଲାଭ କରିଥିଲା। ଗୋବିନ୍ଦ ପ୍ରସାଦ ଓ ଝୁମ୍ପଡିଆର ପାଇକ ମାନେ ସ୍ୱତନ୍ତ୍ର ଆପଣା ଘରେ ବର୍ଷ ତମାମ ଅଭ୍ୟାସ କରି ଚୈତ୍ର ମାସରେ ପରିବେଷଣ କରୁଥିଲେ ରାଜବାଟୀରେ।

ଶୁଣାଯାଏ ଶେଷ ଥରପାଇଁ ୧୯୮୦ ମସିହାରେ ଏହି ଗ୍ରାମରୁ ଏକଦଳ ଦିଲ୍ଲୀରେ ପରିବେଷଣ କରିଥିଲେ। ଢେଙ୍କାନାଳ ଆମର ଏହି ହଜିଲା କୀର୍ତ୍ତିକୁ ଯଦି ପୁନରୁଦ୍ଧାର କରାଯାଇ ପାରନ୍ତା ତେବେ ଢେଙ୍କାନାଳ ପାଇଁ କିଛି କରିପାରିଲେ ବୋଲି ଆତ୍ମସନ୍ତୋଷ ଲାଭ କରିପାରନ୍ତେ ବୋଲି ମୁଖ୍ୟ ଅତିଥି ତାଙ୍କ ଉଦ୍‌ବୋଧନରେ ପରିପ୍ରକାଶ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଓଡିଶୀ ନୃତ୍ୟଶିଳ୍ପୀ ତିମିରସୁ ପଟ୍ଟନାୟକ, ବିଶିଷ୍ଟ ସଙ୍ଗୀତଜ୍ଞ ଖାରବେଳ ପଟ୍ଟନାୟକ, ବିଶିଷ୍ଟ ତବଲା ବାଦକ ଅଜାତାଶତ୍ରୁ ପଟ୍ଟନାୟକ, ଖ୍ୟାତି ସମ୍ପର୍ଣ୍ଣ ନୃତ୍ୟଶିଳ୍ପୀ ବିଜିଗୁପ୍ତ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦନ କୁମାର ନାୟକ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ମଞ୍ଚ କଳାକାର, ନିର୍ଦ୍ଦେଶକ ବାଦଲବିହାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ କାର୍ଯ୍ୟକ୍ରମ

ଢେଙ୍କାନାଳ, ୨୨।୪(ସମିସ): ଢେଙ୍କାନାଳ ଜିଲ୍ଲାରେ ଆସନ୍ତା ମଇ ୨୫ ତାରିଖ ଦିନ ଢେଙ୍କାନାଳ ଲୋକସଭା ସହିତ ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ଓ ଢେଙ୍କାନାଳ ବିଧାନସଭାରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ସଂକ୍ରାନ୍ତରେ ଏପ୍ରିଲ ୨୯ରେ ବିଜ୍ଞପ୍ତି ଜାରି କରାଯିବା ସହିତ ପ୍ରାର୍ଥିମାନେ ମଇ ୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବା ପରେ ୭ ତାରିଖରେ ଯାଞ୍ଚ ସହିତ ୯ ତାରିଖରେ ପ୍ରତ୍ୟାହାର କରାଯିବ। ଲୋକସଭା ସହିତ ବିଧାନସଭା ନିର୍ବାଚନ ମଇ ୨୫ରେ ହେବା ସହିତ ଜୁନ୍ ୪ରେ ଭୋଟ ଗଣତି କରାଯିବ ବୋଲି ଜଣାପଡ଼ିଛି। ସେହିପରି ଜୁନ ୬ ତାରଖ ସୁଦ୍ଧା ସମସ୍ତ ନିର୍ବାଚନ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡ଼ିଛି।

ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେନାମାଙ୍କନ ପତ୍ର ଦାଖଲ ସମୟରେ ଲୋକସଭା ଆସନପାଇଁ ଫର୍ମ-୨ 'ଏ' ଏବଂ ବିଧାନସଭା ଆସନପାଇଁ ଫର୍ମ-୨ 'ବି'ରେ ଆବେଦନ କରିବେ। ସଂଶୋଧିତ ଫର୍ମ-୨୬ରେ ଆଫିଡେଭିଟ କରିବେ, ଯଦି ପ୍ରାର୍ଥୀ ସମ୍ପୃକ୍ତ ଅଞ୍ଚଳର ହୋଇନଥିବେ ସେ ଇଲେକ୍ଟୋରାଲରୋଲ ସମ୍ପର୍କିତ ପ୍ରମାଣପତ୍ର ଦେବାକୁ ପଡ଼ିବ। କୌଣସି ରାଜନୈତିକ ଦଳ ଦ୍ୱାରା ଘୋଷିତ ପ୍ରାର୍ଥୀ ଫର୍ମ- ଏ ଏବଂ ବି ଦେବ, ଯାଞ୍ଚ ଆରମ୍ଭ ହେବା ପୂର୍ବରୁ ପ୍ରାର୍ଥୀମାନେ ଶପଥ ପାଠ ଦେବେ, ନାମାଙ୍କନ ପତ୍ରଦାଖଲ କରିବାର ଅନ୍ୟୁନ ଏକ ଦିନ ପୂର୍ବରୁ ବ୍ୟାଙ୍କରେ ଖୋଲାଯାଇଥିବା ଅଲଗା ବ୍ୟାଙ୍କ ଆକାଉଣ୍ଟ, ଏସ୍‌ସି କିମ୍ବା ଏସଟି ବର୍ଗର ହୋଇଥିଲେ ଏସମ୍ପର୍କରେ ଜାତିଗତ ପ୍ରମାଣପତ୍ର ଦାଖଲ କରିବେ। ସେହିପରି ଲୋକସଭା ଆସନ ପାଇଁ ୨୫ ହଜାର ଟଙ୍କା ଏବଂ ବିଧାନସଭା ଆସନ ପାଇଁ ୧୦ହଜାର ଟଙ୍କା ସିକ୍ୟୁରିଟି ଜମା ଦାଖଲ କରିବେ। ଏସ୍‌ସି ଏବଂ ଏସଟି ପାଇଁ ୫୦ଭାଗ ରିହାତି ଦିଆଯାଇଛି। କଳାଧାଳା ବ୍ୟାକଗ୍ରାଉଣ୍ଡ ଥିବା ଦୁଇ ସେମିରେ ୨.୫ସେମିର ଷ୍ଟାମ୍ପ ସାଇଜ ୫ଟି ଫଟୋ ଯାହା ୩ ମାସ ମଧ୍ୟରେ ଉଠାଯାଇଥିବ ଏବଂ ସମସ୍ତ ଫଟୋ ପଛ ପାର୍ଶ୍ୱରେ ନିଜର ଦସ୍ତଖତ କରି ଦାଖଲ କରିବେ। ପ୍ରାର୍ଥୀ ନିଜେ କିମ୍ବା ତାଙ୍କର ପ୍ରସ୍ତାବକ ଏହାକୁ ସତ୍ୟବୋଲି ଘୋଷଣା କରିବେ। କୌଣସି ସରକାରୀ ଗୃହ ଅଧିଗ୍ରହଣ କରିଥିଲେ କୌଣସି ବକେୟା ନଥିବା ପ୍ରମାଣ ପତ୍ରପ୍ରଦାନ କରିବାକୁ ହେବ। ଯଦି କୌଣସି ରାଜନୈତିକଦଳର ପ୍ରାର୍ଥୀ ଘୋଷଣା କରାଯାଏ ତେବେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଜଣେ ଭୋଟର ପ୍ରସ୍ତାବକ ଭାବରେ ରହିବେ। ସେହିପରି ସ୍ୱାଧୀନ ପ୍ରାର୍ଥୀଙ୍କ ନିମନ୍ତେ ୧୦ ଜଣ ଭୋଟର ପ୍ରସ୍ତାବକ ଭାବରେ ଥିବା ସମସ୍ତ କାଗଜାତ ଦାଖଲକରିବେ ବୋଲି ଜଣାଯାଇଛି।

## ୨୩ଟି ବନ୍ଧୁକ ହେପାଜତକୁ ନେଲା ପୁଲିସ୍

ଟମକା, ୨୨।୪(ସମିସ): ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସ୍ଥାନୀୟ ପୁଲିସ୍ ପକ୍ଷରୁ ସରକାରୀ ସ୍ୱୀକୃତି ଥିବା ଟମକା ଥାନା ଅଞ୍ଚଳରୁ ୨୩ଟି ବନ୍ଧୁକ ନିଜ ହେପାଜତକୁ ଆଣି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଜମା କରିଥିବା ଆଇଆଇସି ଶଙ୍କର୍ଷଣ ଦଳାଇ ସୂଚନା ଦେଇଛନ୍ତି। ୧୧ଟି ବନ୍ଧୁକ ବେସରକାରୀ କାର୍ଯ୍ୟାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବାବେଳେ ୧୨ଟି ବନ୍ଧୁକଧାରୀ ନିଜ ଆତ୍ମରକ୍ଷା ପାଇଁ ସ୍ୱୀକୃତିପ୍ରାପ୍ତ କରି ପାଖରେ ରଖିଥା'ନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଟମକା ଥାନା ଅଞ୍ଚଳରେ ଆଉ କେତେକ ଚୋରା ବନ୍ଧୁକ ରଖିଥିବା ସାଧାରଣରେ ଆଲୋଚନା ହେଉଛି।

### ● ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀ ପିତାମାତାଙ୍କୁ ଚିଠି ଲେଖିଲେ

## ଅଧିକରୁ ଅଧିକ ମତଦାନ ପାଇଁ ନିବେଦନ



ଢେଙ୍କାନାଳ, ୨୨।୪(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୭୮ ଜଣ ଗୁରୁଛାତ୍ରଛାତ୍ରୀ ଆଜି ସେମାନଙ୍କ ପରିବାର ମୁଖ୍ୟଙ୍କୁ ଚିଠି ଲେଖି ମତଦାନ ଉପରେ ସଚେତନତା ସୃଷ୍ଟି କରିଛନ୍ତି। ଚଳିତ ନିର୍ବାଚନରେ ନିଜ ଅଞ୍ଚଳ ତଥା ରାଜ୍ୟରେ ମତଦାନ ହାର ଅଧିକ ହେବାର ଆବଶ୍ୟକତା ରହିଛି। ଏହି ହାର ବଢ଼ିଲେ ଉପଯୁକ୍ତ ପ୍ରତିନିଧି ଚୟନ ସମ୍ଭବ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟ ଦେବା ପ୍ରତ୍ୟେକ ନାଗରିକ ର ମୌଳିକ କର୍ତ୍ତବ୍ୟ ହୋଇଥିବାରୁ ନିଜ ପରିବାରରୁ ଯେପରି ଆଗାମୀ ନିର୍ବାଚନ ରେ କେହି ଭୋଟ ଦାନରୁ ବଞ୍ଚିତ ନ ହୁଅନ୍ତି ସେଥିଲାଗି ସଚେତନତା ମୂଳକ ପତ୍ର ଲେଖିଛନ୍ତି। ଏଥିସହିତ ପାଖ ପଡୋଶୀ ଯେପରି ଏହି ମହାନ ପର୍ବରେ ସାମିଲ ହୋଇପାରିବେ ସେଥିଲାଗି ମଧ୍ୟ ନିଜର ପିତା ମାତା ଓ ମୁରବିମାନଙ୍କୁ ଅନୁରୋଧ ପତ୍ର ଜରିଆରେ ଅନୁରୋଧ କରିଛନ୍ତି। ପ୍ରତିଷ୍ଠାନ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଲଫାପା ଓ ଡାକ ଟିକେଟ ଯୋଗେଇ ଦିଆଯାଇଥିବା ବେଳେ ଗ୍ରନ୍ଥଗାରିକା ରାଜଶ୍ରୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଏକ ସାଧାରଣ ସଭାରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ 'ମତଦାନର ମହତ୍ୱ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ର ଏଭଳି ମହନୀୟ ପ୍ରୟାସ ଲାଗି ମୋ କର୍ତ୍ତବ୍ୟ ଅଭିଯାନ ସଂଯୋଜିକା ବିନ୍ଦୁ ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।

## ବିଜେଡିର କୋର୍ କମିଟି ବୈଠକ



ଢେଙ୍କାନାଳ, ୨୨।୪(ସମିସ): ସ୍ଥାନୀୟ ମୁକ୍ତାଦେଇପୁର ଶାସନ ଠାରେ ମ୍ୟୁନିସିପାଲିଟି ୧୫ନଂ ୱାର୍ଡର ବିଜେଡି କୋର୍ କମିଟି ଓ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ କମିଟିର ୱାର୍ଡ ପର୍ଯ୍ୟବେକ୍ଷକ ଆଡଭୋକେଟ୍ ଦେବାଶିଷ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ସମାଜସେବୀ ଜଗଦୀଶ ସାମଲ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଯୁବନେତା ବିନୋଦ କୁମାର ମହାନ୍ତି ଉପସ୍ଥିତ ରହି କିଭଳି ଏହି ୱାର୍ଡରେ ବିଜେଡି ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ ଓ ଢେଙ୍କାନାଳ ବିଧାନସଭା ବିଧାୟକ ପ୍ରାର୍ଥୀ ସୁଧିର କୁମାର ସାମଲ ବିପୁଳ ଭୋଟ୍‌ରେ ବିଜୟଲାଭ କରିବେ ଏବଂ ୧୫ନଂ ୱାର୍ଡରେ ସର୍ବାଧିକ ମତଦାନ ହେବ ସେଥିପାଇଁ ନିଜର ମତ ରଖିଥିଲେ। ଅନ୍ୟତମ ପର୍ଯ୍ୟବେକ୍ଷକ ଆଡଭୋକେଟ୍ ଗୋପାଳ ଚନ୍ଦ୍ର ପାତ୍ର, ଶିବସାଇ ମହାପାତ୍ର, ମିହିର କୁମାର ରାଉତ, ସଦାନନ୍ଦ ସାହୁ, ରାଜକୁମାର ପାଣ୍ଡେ ଉପସ୍ଥିତ ରହି ସମସ୍ତେ ଏକ୍‌ଜୁଟ୍ ହୋଇ ପ୍ରତ୍ୟେକ ଘରକୁ ଯାଇ ପ୍ରତ୍ୟେକ ଭୋଟରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କରିଥିବା ସମସ୍ତ ଯୋଜନା ଓ ବିଧାୟକ ସୁଧିର ସାମଲ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ଓ ସହରାଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ କରିଥିବା ଅନେକ କାର୍ଯ୍ୟକୁ ଭୋଟରମାନଙ୍କ ପାଖରେ ପହଁଞ୍ଚାଇ ଶଙ୍ଖ ଚିହ୍ନରେ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେବା ପାଇଁ ନିବେଦନ କରିବାକୁ ସମସ୍ତ କାର୍ଯ୍ୟକର୍ତ୍ତା ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ବୈଠକରେ କୋର୍ କମିଟିର ଅଧ୍ୟକ୍ଷ ତ୍ରୈଲୋକ୍ୟ ମୋହନ ମିଶ୍ର, ଉପାଧ୍ୟକ୍ଷ ପିତବାସ ସାହୁ, ଆବାହକ ବିମଳ କୁମାର ନାୟକ, ଉପଦେଷ୍ଟା ଦିଗମ୍ବର ରଥ, ଅଜୟ ଶଙ୍କର ମିଶ୍ର, ଅଭିଜିତ୍ ମିଶ୍ର, ଦେବକାନ୍ତ ମିଶ୍ର, କୁମାର ରଞ୍ଜନ ମିଶ୍ର, ଗୌରୀ ଶଙ୍କର ରଥ, ବୀରବର ସାହୁ, ଓମ୍ ପ୍ରକାଶ ପାଣ୍ଡେ, ଲିପୁନ୍ ପ୍ରଧାନ, ରାମଚନ୍ଦ୍ର ନାୟକ, ଦୀପୁନ୍ ପ୍ରଧାନ, ରଞ୍ଜନ କୁମାର ନାୟକ, ସଞ୍ଜିବ ରଥ, ଭୁବନେଶ୍ୱର ମିଶ୍ର, ସୂର୍ଯ୍ୟନାରାୟଣ ଦାସ, ସୌମ୍ୟରଞ୍ଜନ ସାହୁ, ଦିଲ୍ଲୀପ ଖଟୁଆ, ଚନ୍ଦ୍ରଶେଖର ତ୍ରିପାଠୀ, ଶୁଭ୍ରାଂଶୁ ଦାସ, ଓମ୍‌କାର ପାଣ୍ଡେ, ଦେବେନ୍ଦ୍ର ନାୟକ, ସୁବାଷ ଚନ୍ଦ୍ର ନାୟକ ପ୍ରଭୃତି ୪୦ରୁ ଊର୍ଦ୍ଧ୍ୱ କୋର କମିଟି ଓ ୱାର୍ଡ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଲେଖିକା ସଂସଦ ଢେଙ୍କାନାଳ ଶାଖାର ସାହିତ୍ୟ ଆସର




ଢେଙ୍କାନାଳ, ୨୨।୪(ସମିସ): ସ୍ଥାନୀୟ ସାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ଓଡ଼ିଶା ଲେଖିକା ସଂସଦ ଢେଙ୍କାନାଳ ଶାଖାର ଆବାହିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ସାହିତ୍ୟ ଆସର ପାଳିତ ହୋଇଯାଇଛି। ସଂସଦ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଧାପିକା ଡ. ମାନସୀ କର ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ମନ୍ତବ୍ୟ ଦେଇ କହିଲେ ଯେ, ନାରୀର ସ୍ୱରରେ ଜୀବନର ମୂଲ୍ୟବୋଧ ମୂଲ୍ୟାୟନ ହୋଇ ପାରିବ। ସମାଜକୁ ବଦଳାଇବାକୁ ନାରୀ ତାର ଧର୍ମ ପାଳନ କରିବାକୁ ପଡ଼ିବ। ଉଚିତ ବିଚାର ଶକ୍ତି ରହିଲେ ସମାଜର ପ୍ରତାରଣା, ଘୃଣା ଦୂରେଇଯିବ।

ଏହି ସଭାରେ ଲେଖିକା ସଂସଦର ସମସ୍ତ ସଭ୍ୟମାନେ ଯୋଗଦେଇ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରେ ସନ୍ଧ୍ୟା ମହାନ୍ତି, ମଞ୍ଜୁଲତା ହୋତା, ସଞ୍ଜୁକ୍ତା ସରଣ, ଉପମା ସାମଲ, ବୈଜୟନ୍ତୀ ପଟ୍ଟନାୟକ, ସଞ୍ଜୁକ୍ତା ସାହୁ, ପ୍ରଭାତ ନଳିନୀ ଦାଶ, ନିବେଦିତା ରଥ, ନନ୍ଦିକେଶ୍ୱରୀ ନାଥ, ନିର୍ମଳା ମହାପାତ୍ର, ସରିତା ପାଟସାହାଣୀ, ବିଷ୍ଣୁପ୍ରିୟା ରଥ, ମନୋଜମଞ୍ଜରୀ ଦାସ, ମନୋଜ ମଞ୍ଜରୀ ନନ୍ଦ, ମୈତ୍ରୀ ଶୁଭଦ୍ରା, ନିରୁପମା ଦାସ, ସୁମିତା ରାୟପଟ୍ଟନାୟକ, ବୀରାଲକ୍ଷ୍ମୀ ରଣା, କବିତାମୟୀ ସର ପ୍ରମୁଖ କବିତା ପାଠକରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପରିଶେଷରେ ବୈଜୟନ୍ତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦେଶରେ ଓଡ଼ିଆ ଯୁବକ ମୃତ

ବାଲିଚନ୍ଦ୍ରପୁର, ୨୨।୪(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତ ଦେକୁଡ଼ି ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ରାଉତରାୟଙ୍କ ପୁତ୍ର କରୁଣାମୟ ରାଉତରାୟ (୪୪) ଙ୍କ ଦୋହା କତାରଠାରେ ମୃତ୍ୟୁ ଘଟିଯାଇଛି। ସେ ପ୍ରାୟ ୬ ମାସ ହେବ କତାରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। କମ୍ପାନୀ କାର୍ଯ୍ୟରେ ଯାଉଥିବା ସମୟରେ ତାଙ୍କର ହୃଦ୍‌ଘାତ ହୋଇ ପରଲୋକ ଘଟିଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି। ତାଙ୍କ ପରଲୋକଗତ ଖବର ମିଳିବା ପରେ ବାଲିପଡ଼ିଆ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କତାରରୁ ତାଙ୍କ ମରଶରୀର ଫେରିପାଇବା ପାଇଁ ସ୍ତ୍ରୀ ଭାଗ୍ୟବତୀ ରାଉତରାୟ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହୁରାଙ୍କ ମାଧ୍ୟମରେ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

## ପୁସ୍ତକ 'ଲୋକସମ୍ପର୍କ ଓ କର୍ପୋରେଟ୍ ଯୋଗାଯୋଗ' ଉନ୍ମୋଚିତ




ଢେଙ୍କାନାଳ, ୨୨।୪(ସମିସ): ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଓ ଆକାଡେମିକ ଆସୋସିଏଟ୍ ସୌମ୍ୟ ରଞ୍ଜନ ବିହାରୀଙ୍କ ଲିଖିତ ପୁସ୍ତକ 'ଲୋକସମ୍ପର୍କ ଓ କର୍ପୋରେଟ୍ ଯୋଗାଯୋଗ' ଉନ୍ମୋଚିତ ହୋଇଛି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରେସ୍ କ୍ଲବ୍‌ରେ ପବ୍ଲିକ୍ ରିଲେସନ୍ସ ସୋସାଇଟି ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ)ର ଭୁବନେଶ୍ୱର ଚାପ୍‌ଟର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁସ୍ତକଟିକୁ ଉନ୍ମୋଚନ କରିଛନ୍ତି ଓଡ଼ିଶା ସରକାରଙ୍କ ପୂର୍ବତନ ଅର୍ଥ ସଚିବ ପ୍ରସନ୍ନ କୁମାର ମିଶ୍ର। ଏହି ଅବସରରେ ପିଆର୍‌ଏସ୍‌ଆଇ ପକ୍ଷରୁ 'ସନାତନ ମୂଲ୍ୟବୋଧ ଓ ଉଦୀୟମାନ ଭାରତ: ଲୋକସମ୍ପର୍କର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଡ. ଚାଟାର୍ଜୀ ବର୍ତ୍ତମାନର ଲୋକସମ୍ପର୍କ ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ସେହିପରି ପୁସ୍ତକ ସମ୍ପର୍କରେ ସେ କହିଛନ୍ତି, ଓଡ଼ିଆ ଭାଷାରେ ଲୋକସମ୍ପର୍କ ଓ କର୍ପୋରେଟ୍ ଯୋଗାଯୋଗ ଉପରେ ଏହା ଏକ ପ୍ରମୁଖ ପୁସ୍ତକ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ମିଶ୍ର ଲୋକସମ୍ପର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚ୍ୟାପ୍‌ଟରର ଅଧ୍ୟକ୍ଷ ଶଶାଙ୍କ ପଟ୍ଟନାୟକ କହିଛନ୍ତି, ଲୋକସମ୍ପର୍କ ଉପରେ ଏମିତି ଏକ ପୁସ୍ତକ ବେଶ୍ ଉପାଦେୟ ହୋଇପାରିଛି। ଲୋକସମ୍ପର୍କ କ୍ଷେତ୍ରର କ୍ରମବିକାଶଠାରୁ ଆରମ୍ଭ କରି ବର୍ତ୍ତମାନର ନୂଆ ଦିଗନ୍ତ ପର୍ଯ୍ୟନ୍ତ ସବୁକିଛି ଏହି ପୁସ୍ତକରେ ରହିଛି। ଏହା ଛାତ୍ରଛାତ୍ରୀ ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଅନେକ ସହାୟକ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପିଆରଏସ୍‌ଆଇର ଅନ୍ୟ ସଦସ୍ୟ ତଥା ଲୋକସମ୍ପର୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

### କଳ୍ପନା ଜଳ୍ପନାର ପରିସମାପ୍ତି

# ହିନ୍ଦୋଳରୁ ମହେଶ ବିଜେଡି ପ୍ରାର୍ଥୀ

ଢେଙ୍କାନାଳ, ୨୨।୪ (ସମିସ)



ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ମହେଶ ସାହୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଫଳରେ ଦୀର୍ଘଧରି ଚାଲିଥିବା ତୁମ୍ବିତୋଫାନର ଅନ୍ତ ଘଟିଛି। ମହେଶ ସାହୁ ବିଜେଡିରୁ ଟିକଟ ପାଇବା ପରେ ସମର୍ଥକମାନଙ୍କର ସୁଅ ଛୁଟିବାରେ ଲାଗିଛି।

ସାଂସଦ ମହେଶ ସାହୁ ୨୦୧୪ ରେ ବିଜେଡି ଦଳ ପକ୍ଷରୁ ପାଲଲହଡା ବିଧାୟକ ରହି ତାଳଚେର ନିର୍ବାଚନ ମଣ୍ଡଳୀରୁ ୧୯୯୫, ୨୦୦୦ ଓ ୨୦୦୪ ରେ ନିର୍ବାଚନରେ ବିଜୟୀ ହୋଇଥିଲେ। ବିଗତ ୨୦୧୯ ନିର୍ବାଚନରେ ମହେଶ ସାହୁ ଢେଙ୍କାନାଳ ଲୋକସଭା ଆସନରେ ବିଜେପିର ରୁଦ୍ରନାରାୟଣ ପାଣିଙ୍କୁ ହରାଇବା ସହିତ ବିଜେଡିର ସାଂସଦ ଭାବରେ ବେଶ୍ ପରିଚିତ ହୋଇଥିଲେ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ହିନ୍ଦୋଳ ବ୍ଲକର ସମସ୍ତ ୩୫ ଟି ପଞ୍ଚାୟତ, ଓଡାପଡ଼ା ବ୍ଲକର ୨୮ ଗ୍ରାମପଞ୍ଚାୟତ ଓ ହିନ୍ଦୋଳ ଏନଏସିର ୧୬ ଟି ୱାର୍ଡକୁ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩ଲକ୍ଷ୮ ହଜାର ୫୯୯ରୁ ଅଧିକଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଓଡାପଡ଼ା ବ୍ଲକରେ ଏସସିଙ୍କ ସଂଖ୍ୟା ୩୨ ହଜାର ୩୭୯ ରହିଥିବା ବେଳେ ଏସଟିଙ୍କ ସଂଖ୍ୟା ୧୧ ହଜାର ୬୭୨ ଏବଂ ହିନ୍ଦୋଳ ବ୍ଲକରେ ଏସସିଙ୍କ ସଂଖ୍ୟା ୩୭ ହଜାର ୧୮୮ ରହିଥିବା ବେଳେ ଏସଟିଙ୍କ ସଂଖ୍ୟା ୧୧ ହଜାର ୧୯୨ ରହିଥିବା ଜଣାପଡ଼ିଛି। ତେବେ ମୋଟ ୯୨ ହଜାର ୪୩୧ ଏସସି ଓ ଏସଟି ଭୋଟର ରହିଥିବାବେଳେ ସାଧାରଣ ଭୋଟଙ୍କ ସଂଖ୍ୟା ୨ ଲକ୍ଷ ୧୬ ହଜାର ୧୬୮ ରହିଛି।

ଗତ ୨୦୦୦ମସିହା ଠାରୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଜୟ ହାସଲ କରୁଛି। ୨୦୧୪ ନିର୍ବାଚନରେ ବିଜେଡି ଟିକେଟରେ ସୀମାରାଣୀ ନାୟକ ନିର୍ବାଚନ ଲଢ଼ି ସର୍ବାଧିକ ୮୪ ହଜାର ୩୫୧ଖଣ୍ଡ ଭୋଟ ପାଇଥିଲେ, ବିଜେପି ପ୍ରାର୍ଥୀ ଲକ୍ଷ୍ମୀଧର ବେହେରା ୩୩ ହଜାର ୮୫୨ ଖଣ୍ଡ ଭୋଟ ପାଇଥିବା ବେଳେ ଯଥାକ୍ରମେ ଦ୍ୱିତୀୟ ସ୍ଥାନରେ ଥିଲେ। ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ମାତ୍ର ୧୨ହଜାର ୩୦୪ଖଣ୍ଡ ଭୋଟ ପାଇଥିଲେ। ସେହି ନିର୍ବାଚନରେ ସୀମାରାଣୀ ୫୩ ହଜାର ୩୨୯ ଭୋଟ ଅଧିକ ପାଇ ନିର୍ବାଚନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ।

୨୦୧୯ ନିର୍ବାଚନରେ ଆଉ ଥରେ ସୀମାରାଣୀଙ୍କୁ ଟିକେଟ ଦେଇଥିଲା ବିଜେଡି ଏବଂ ସେ ୯୩୯୮୦ ଭୋଟ ପାଇଥିବା ବେଳେ ବିଜେପି ଦଳ ପକ୍ଷରୁ ଅଶୋକ ନାୟକ ୭୫ ହଜାର ୭୫ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ବେହେରା ମାତ୍ର ୯୩୬୬ ଭୋଟ ପାଇଥିଲେ। ସେହି ନିର୍ବାଚନ ରେ୧୮୯୦୫ ଭୋଟ ପାଇ ମଧ୍ୟ ସୀମାରାଣୀ ବିଜୟୀ ହୋଇଥିଲେ। କିନ୍ତୁ ବିଧାୟିକା ସୀମାରାଣୀଙ୍କୁ ନେଇ ବିଜେଡି ପୁଣି ଥରେ ନିର୍ବାଚନ ପାଇଁ ଭରସା ନକରି ମହେଶ ସାହୁଙ୍କୁ ଟିକେଟ ପ୍ରଦାନ କରିଛି। ଏକଦା କଂଗ୍ରେସର ଗଡ଼ ଭାବରେ ପରିଚିତ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଗତ ୨ହଜାର ମସିହା ନିର୍ବାଚନରେ ବିଜେଡି ହାତକୁ ଚାଲିଯାଇଥିଲା। ଏହି ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ରହିଥିବା ବେଳେ ୧୯୫୧, ୧୯୭୭, ୧୯୮୫ ଓ ୧୯୯୫ ରେ କଂଗ୍ରେସ ନିର୍ବାଚିତ ହୋଇଥିଲା।

ଏହି ନିର୍ବାଚନ ମଣ୍ଡଳୀରେ ୨ ହଜାର, ୨୦୦୪ ଓ ୨୦୦୯ ରେ ଅଞ୍ଜଳୀ ବେହେରା ବିଜେଡିରୁ ଜିତିବା ପରେ ମନ୍ତ୍ରୀ ପଦ ପାଇ ବେଶ ପରିଚିତ ଥିଲେ। କିନ୍ତୁ ମିଡନାଇଟ ଅପରେସନ ପରେ ତାଙ୍କୁ ମଧ୍ୟ ବିଜେଡିରୁ ବିଦା ହେବାକୁ ପଡ଼ିଥିଲା। ଅଞ୍ଜଳୀଙ୍କ ପରେ ସୀମାଙ୍କୁ ଟିକଟ ମିଳିବା ପରେ ଅଞ୍ଜଳୀ ଦଳରୁ ବିଦା ହୋଇଥିଲେ। ଏବେ ସମାନ ଭାବରେ ସୀମାଙ୍କୁ ଦଳ ଭରସା ନକରି ମହେଶ ସାହୁଙ୍କ ଉପରେ ଆସ୍ଥାପ୍ରକଟ କରିଥିବାର ଜଣାପଡ଼ିଛି।

ସକାଳ THE SAKALA



### ବିଭିନ୍ନ ସ୍କୁଲ ପରିସରରେ ଥିବା ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ବିପଦପୂର୍ଣ୍ଣ

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ, ନିରାକରଣ ଦାବି

ଜଗତସିଂହପୁର, ୨୨।୪(ସମିସ): ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଆସିଛି। ବନ୍ୟା,



ବାତ୍ୟା ଓ ସାମୁଦ୍ରିକ ସୁନାମୀ ଜନିତ ଉଚ୍ଚ ଜ୍ୱାର ପ୍ରଭୃତି ଏକାଧିକ ବିପର୍ଯ୍ୟୟ ପାଇଁ ଜଗତସିଂହପୁର ଜିଲ୍ଲା ଅସୁରକ୍ଷିତ ହୋଇପଡ଼ିଛି। ସେହିପରି ଜିଲ୍ଲାର ଏକ ବୃହତ ଅଂଶ ଭୂକମ୍ପ ରିସ୍କ ଜୋନ -୨ରେ ରହିଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ୧୯୯୯ ମସିହାର ମହାବାତ୍ୟା ପରଠାରୁ ଲୋକଙ୍କ ସୁରକ୍ଷା ପାଇଁ ବହୁ ଅର୍ଥ ବ୍ୟୟରେ ଅନେକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ତେବେ ଜିଲ୍ଲାର ପ୍ରାୟ ୫୦ରୁ ଅଧିକ ଶିକ୍ଷାନୁଷ୍ଠାନ ପରିସରରେ ନିର୍ମାଣ କରାଯାଇଥିବା ଏହି ବହୁମୁଖୀ ଗୃହ ଗୁଡିକ ଦୀର୍ଘ ବର୍ଷ ହେଲା ଅସୁରକ୍ଷିତ ହୋଇପଡ଼ିଛି। ଏହାର ମରାମତି ପାଇଁ ଗତ ୨୩ ବର୍ଷ ମଧ୍ୟରେ ପ୍ରଶାସନ ପକ୍ଷରୁ ଟଙ୍କାଟିଏ ହେଲେ ମଧ୍ୟ ଅନୁଦାନ ଦିଆଯାଇ ନଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି। ଅଧିକାଂଶ ସ୍କୁଲ ପରିସରରେ ଥିବା ଏହି ଆଶ୍ରୟସ୍ଥଳୀ ଗୃହକୁ ବିପଦପୂର୍ଣ୍ଣ ବୋଲି ଘୋଷଣା କରାଯାଇ ଭଙ୍ଗା ଯିବାର ବ୍ୟବସ୍ଥା ହେଉନଥିବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଇଁ ଏହା ବୋଝ ତଥା ମୁଣ୍ଡ ବ୍ୟଥାର କାରଣ ହୋଇଛି।

ଜଗତସିଂହପୁରରେ ବିଭିନ୍ନ ସମୟରେ ସାଧାରଣ ବାତ୍ୟା ସହିତ ୧୯୪୨, ୧୯୭୧ ଓ ୧୯୯୯ରେ ମହାବାତ୍ୟା ଘଟିଥିଲା। ତେବେ ୧୯୯୯ ମହାବାତ୍ୟାରେ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ ଧନ ଜୀବନର କ୍ଷୟକ୍ଷତି ଘଟିଥିଲା। ୧୯୯୯ରେ ଜିଲ୍ଲାର ୧୦ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ଲକ୍ଷ ଲକ୍ଷ ଲୋକଙ୍କୁ ଗୃହଶୂନ୍ୟ କରିଥିଲା। ସୁନାମୀ ପାଇଁ ଏରସମା, କୁଜଙ୍ଗ ଓ ବାଲିକୁଦା ବ୍ଲକ ପ୍ରଭାବିତ ହେବାର ସଂମ୍ଭାବନା ରହିଥିବା ସମୟରେ ବାତ୍ୟା ଦ୍ୱାରା ଜିଲ୍ଲାର ୮ଟି ବ୍ଲକରେ କ୍ଷୟକ୍ଷତି ଘଟିଥିଲା। ୧୯୯୯ ମହାବାତ୍ୟା ପରେ ଘଟିଥିବା କ୍ଷୟକ୍ଷତିକୁ ନେଇ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହାୟତାର ହାତ ବଢାଇଥିବା ସମୟରେ ତତ୍କାଳୀନ ମହାରାଷ୍ଟ୍ର ସରକାର ଜଗତସିଂହପୁରକୁ ପୋଷ୍ୟ ଜିଲ୍ଲା ଭାବରେ ଗ୍ରହଣକରି ବିଭିନ୍ନ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଥିଲେ। ସେହିପରି ବିଭିନ୍ନ କମ୍ପାନୀ ପକ୍ଷରୁ ମଧ୍ୟ ସ୍କୁଲ ପରିସରରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଏରସମାରେ ୫୬୭ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ସମୟରେ, ବାଲିକୁଦା ଓ କୁଜଙ୍ଗରେ ମଧ ବହୁ ଆଶ୍ରୟସ୍ଥଳୀର ନିର୍ମାଣ କରାଯାଇଥିଲା।

ଏହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯିବା ସମୟରେ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ନିର୍ମାଣର ମାନ ସମ୍ପର୍କରେ ଉପଯୁକ୍ତ ଯାଞ୍ଚ କରାଯାଇନଥିଲା। ଏହିଘର ଗୁଡିକର ସ୍ଥାୟିତ୍ୱ ୫୦ ବର୍ଷ ରହିଥିବା ବେଳେ ମାତ୍ର ୧୨ରୁ ୧୫ ବର୍ଷ ମଧ୍ୟରେ ଏଗୁଡିକରୁ ଅଧିକାଂଶ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗୃହ ଗୁଡିକର ମରାମତି ତଥା ରକ୍ଷାଣାବେକ୍ଷଣ ପାଇଁ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନଥିବାବେଳେ ପ୍ରଶାସନ ମଧ୍ୟ ଏଗୁଡିକର ମରାମତି ପାଇଁ କୌଣସି ଅନୁଦାନ ପ୍ରଦାନ କରିନଥିବା ଜଣାପଡ଼ିଛି। ଅଧିକାଂଶ ଆଶ୍ରୟସ୍ଥଳୀଗୁଡିକ ଏବେ ବିପଦପୂର୍ଣ୍ଣ ଥିବାରୁ ଏଥିରେ ଶିକ୍ଷାଦାନ କରାଯାଉନାହିଁ। ମାତ୍ର ସ୍କୁଲ ଜାଗାର ବୃହତ ଅଂଶକୁ ଏଗୁଡିକ ମାଡି ବସିଥିବାରୁ ଏହା ସମସ୍ୟା ସୃଷ୍ଟି କରିଛି।

ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କାଠୁଆ ପାଟଣା ଗ୍ରାମର କୁତାମଚଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀ ବିପଦପୂର୍ଣ୍ଣ ରହିଛି। ଏହା ବିପଦସଙ୍କୁଳ ହୋଇପଡ଼ିଥିବା ସମୟରେ ସ୍କୁଲର ପିଲାମାନେ ଏହା ଭିତରେ ଖେଳି ଆସୁଛନ୍ତି। ଦୁଇ ବିପଦପୂର୍ଣ୍ଣ ଆଶ୍ରୟସ୍ଥଳୀ ମଧ୍ୟରେ ସ୍କୁଲକୁ ପ୍ରବେଶ ପଥ ରହିଥିବାରୁ କୌଣସି ସମୟରେ ବିପଦ ଘଟିବାର ସମ୍ଭାବନା ରହିଛି। ଆଶ୍ରୟସ୍ଥଳୀର କାନ୍ଥଫାଟି ଆଁ କରିଥିବା ସମୟରେ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ପିଲାରରୁ ରଡ ପଦାକୁ ବାହାରି ଆସିବା ସହିତ ଘରର ସ୍ଥିତି ଦୟନୀୟ ହୋଇ ରହିଛି। ଗ୍ରାମବାସୀମାନେ ଏହି ଦୁଇଟି ଆଶ୍ରୟସ୍ଥଳି ଭାଙ୍ଗିବାକୁ ଦୀର୍ଘ ଦିନ ହେବ ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା କଥା ଗ୍ରାମର ଗୋପାଳ ନନ୍ଦି, ନଗେନ ଆଣ୍ଡିଆ, ଉଲ୍ଲାସ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

ଜିଲ୍ଲାର ଉପାନ୍ତ ଗ୍ରାମ ବାଲିକୁଦା ବ୍ଲକର ଧନୁହର ବେଲାରୀ ମୌଜାରେ ଥିବା ମହାମହିମା ଉଚ୍ଚ ବିଦ୍ୟାଳୟର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ ହୋଇରହିଛି। ତେବେ ଏହି ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ଶତାଧିକ ପିଲା ପାଠ ପଢୁଥିବା ଦେଖିବାକୁ ମିଳିଛି। କୌଣସି ସମୟରେ ଏହି ଘର ଭୁଷୁଡିବା ସ୍ଥିତିରେ ରହି ଥିବାରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ବିରିଡି ବ୍ଲକ ବାଇଶି ମୌଜା ମଙ୍ଗୁଲି ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ବ୍ଲକର ଶିବପୁର ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ବିପଦସଙ୍କୁଳ ହୋଇପଡ଼ିଛି। ଏହାକୁ ବିପଦସଙ୍କୁଳ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଭଙ୍ଗା ଯାଉନଥିବାରୁ ଏହା ସ୍କୁଲ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସେହିପରି ଏରସମା ବ୍ଲକର ସୋମପୁର ଘୋଡାଡିଆ ହାଟର ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ହାଇସ୍କୁଲ ପୋଖରିଆପଡ଼ା ଓ ଗଡ଼କୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ନୋଳିଆସାହି ବାତ୍ୟା ଆଶ୍ରୟସ୍ଥଳୀ ବିପଦ ସଂକୁଳ ହୋଇପଡ଼ିଥିବା ସମୟରେ ଏହାକୁ କିଛି ମାତ୍ରରେ ମରାମତି କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ରେଡକ୍ରସ ଏବଂ ଓସଡମା ଦ୍ୱାରା ତିଆରି ଆଶ୍ରୟସ୍ଥଳୀ ମଧ୍ୟ ବିପଦପୂର୍ଣ୍ଣ ରହିଥିବା ବେଳେ ଏଗୁଡିକର ମରାମତି ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



● ୧୫ ଜଣ ପଳାତକଙ୍କୁ ହାଜର ପାଇଁ କୋର୍ଟଙ୍କ ନୋଟିସ୍

## ସମସ୍ତ ଆସାମୀଙ୍କୁ ସମ୍ପତ୍ତି ନିଲାମ ପାଇଁ ତାଗିଦ୍

ଜଗତସିଂହପୁର, ୨୨।୪(ସମିସ): ଜଗତସିଂହପୁର ଥାନା ଅଞ୍ଚଳର ମୋଟ ୧୫ ଜଣ ଆସାମୀଙ୍କୁ ବିଭିନ୍ନ କୋର୍ଟ ପକ୍ଷରୁ ପଳାତକ ଘୋଷଣା କରାଯାଇଛି। ଜଗତସିଂହପୁର ଥାନା ପୁଲିସ ପକ୍ଷରୁ ଏହି ସମସ୍ତ ଅସାମୀଙ୍କୁ ଲଟକା ଜାରି କରାଯିବା ସହିତ କୋର୍ଟରେ ହାଜର ନହେଲେ ଅଭିଯୁକ୍ତଙ୍କ ସମ୍ପତ୍ତି ନିଲାମ କରିବାକୁ ତାଗିଦ କରାଯାଇଛି।

ସୂଚନା ଅନୁସାରେ, ଜଗତସିଂହପୁର ଥାନା ଅନ୍ତର୍ଗତ ତୋଟାପଡ଼ା ଗାଁର ସୁକାନ୍ତ ଜେନା ୧୯୯୮ ମସିହାରେ ଭଦ୍ରକ ଅଞ୍ଚଳରେ ବନ୍ଧୁକ ଦେଖାଇ ଡକାୟତି କରିଥିବାରୁ ଭଦ୍ରକ ଏସଡିଜେଏମ୍ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା। ତେବେ ସେ ଜାଣିଶୁଣି ଆଜି ପର୍ଯ୍ୟନ୍ତ ଅଦାଲତ ଆଦେଶକୁ ଅମାନ୍ୟ କରିବା ସହିତ ଫେରାର ରହିଥିଲେ। ଗତ ୧୨ତାରିଖରେ ଏସମ୍ପର୍କରେ କୋର୍ଟଙ୍କ ପକ୍ଷରୁ ତାଙ୍କୁ ପଳାତକ ଭାବରେ ଘୋଷଣା କରାଯିବା ସହିତ ନୋଟିସ ପ୍ରଦାନ ପାଇଁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସମ୍ପର୍କରେ ପୁଲିସ ପକ୍ଷରୁ ଉପରୋକ୍ତ ନୋଟିସକୁ ଲଟକା ଜାରି କରାଯିବା ସହିତ ଡାକବାଜି ଯନ୍ତ୍ରରେ ପ୍ରଚାର ଓ ପ୍ରସାର କରାଯାଇଛି। ଯଦି ୭ ଦିନ ମଧ୍ୟରେ ଅଭିଯୁକ୍ତ ହାଜିର ନହେଲେ ତେବେ ତାଙ୍କର ସମ୍ପତ୍ତି ନିଲାମ କରାଯିବ ବୋଲି ତାଙ୍କ ପରିବାରକୁ ଅବଗତ କରାଯାଇଛି। ଏହିଥାନା ଅନ୍ତର୍ଗତ ମଣ୍ଡାସାହିର ଜ୍ଞାନ ରଞ୍ଜନ ଦାସ, ହରିହରପୁରର ତିଳକ ନାୟକ ଓ କାହ୍ନୁ ଚରଣ ସାହୁଙ୍କ ସମେତ ମୋଟ ୧୫ ଜଣ ଆସାମୀଙ୍କୁ ବିଭିନ୍ନ ଅଦାଲତଙ୍କ ନିର୍ଦ୍ଦେଶରେ ଏହି ପଳାତକ ନୋଟିସ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଥିବା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ବ୍ରିଜ୍ ଏକ୍ସପର୍ଟଙ୍କ ନୂତନ ସେତୁ କାମ ପରିଦର୍ଶନ

ରଘୁନାଥପୁର, ୨୨।୪ (ସମିସ): କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୫ଟି ସେତୁ କାମ ଚାଲିଛି। ଆଜି ବ୍ରିଜ୍ ଏକ୍ସପର୍ଟ ଇଞ୍ଜିନିୟର ଅନୀଲ ତ୍ରିପାଠୀ ଏ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି। ଏବେ ଚିତ୍ରୋତ୍ପଳା ନଦୀର ଉତ୍ତରକୂଳ-ସାହାଣୀସାହି ସେତୁ, କୁକୁଡାଙ୍ଗ ସେତୁ, ସୋରଡ଼ା ସେତୁ, ସାନଗେଙ୍ଗୁଟି ସେତୁ, ତ୍ରିବେଣୀଶ୍ୱର ସେତୁ କାମ ଚାଲିଛି। ସେହିପରି ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ତିର୍ତ୍ତୋଲ ପୋସଲଠାରେ ନିର୍ମିତ ହେଉଥିବା ମହାନଦୀ ସେତୁ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କଟକ-୧ର ଅଧିକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁ, ନିଶ୍ଚିନ୍ତକୋଇଲି ଉପନିର୍ବାହି ଯନ୍ତ୍ରୀ ସରୋଜ କୁମାର ଗାହାଣ, ଚୌଦ୍ୱାର-୨ର କନିଷ୍ଠ ଯନ୍ତ୍ରୀ ଲିପିକା ଦଳାଇ, ମାହାଙ୍ଗା ସେକ୍ସନ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ଦାସ, ମାହାଙ୍ଗା-୨ର ସହକାରୀ ଯନ୍ତ୍ରୀ ଜନ୍ କୁମାର ମଲ୍ଲିକ, ନିଶ୍ଚିନ୍ତକୋଇଲି ସେକ୍ସନ ସହକାରୀ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



ଜଗତସିଂହପୁର, ୨୨।୪ (ସମିସ): ଜିଲ୍ଲାର ବାଲିକୁଦା ବ୍ଲକ ଚଷାପଡ଼ା ଗ୍ରାମର ଗୌରାଙ୍ଗ ଚରଣ ପରିଡ଼ାଙ୍କ ରହିବା ଘର କୌଣସି କାରଣରୁ ନିଆଁ ଲାଗି ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଆସବାବ ପତ୍ର, ଖାଦ୍ୟଶସ୍ୟ, ଲୁଗା ନଷ୍ଟ ହୋଇଯାଇଛି। ଖବର ପାଇ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ବିଜେନ୍ଦ୍ର ଦାସ, ଦୀପ୍ତି ରଞ୍ଜନ ବିଶ୍ୱାଳ, ସନ୍ତୋଷ କରଣ, ଶ୍ରଦ୍ଧାନନ୍ଦ ଜେନା ପ୍ରମୁଖ ଉକ୍ତ ପରିବାରକୁ ରାସନ୍ ସାମଗ୍ରୀ ପ୍ରଦାନ କରିଛନ୍ତି।

## ଦୁଇ ବଖରା ଜଳିଗଲା



ବାଲିକୁଦା, ୨୨।୪(ସମିସ): ବାଲିକୁଦା ତହସିଲ ଅଧୀନ କୃଷ୍ଣଦାସପୁର ପଞ୍ଚାୟତ ଚଷାପଡ଼ା ବଉଳପଡ଼ା ଗ୍ରାମର ଗୌରାଙ୍ଗ ପରିଡ଼ାଙ୍କ ଦୁଇ ବଖରା ଚାଳ ଛପର ଘରେ ଅକସ୍ମାତ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଘରେ ଥିବା ଧାନ ଚାଉଳ ସମେତ ସମସ୍ତ ଆସବାବପତ୍ର ଓ ଟଙ୍କା ସମେତ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ବାଲିକୁଦା ଅଗ୍ନିଶମ ବିଭାଗର ଦୁଇଟି ଦମ କଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଅନେକ କ୍ଷୟକ୍ଷତି ହୋଇଥିଲା। ସୂଚନା ପାଇ ଆରଆଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପଞ୍ଚାୟତର ସରପଞ୍ଚ ସ୍ମୃତି ରଞ୍ଜନ ମଲ୍ଲ ଅଗ୍ନିବିପନ୍ନ ଗୌରାଙ୍ଗଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଗୌରାଙ୍ଗ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଏକ ଦୃଷ୍ଟି ହୀନ ପୁଅ ସହ ଦୁଇଟି ଅବିବାହିତ ଝିଅ ଅଛନ୍ତି। ଏହି ଅଗ୍ନିକାଣ୍ଡରୁ ଦୃଷ୍ଟିହୀନ ପୁଅକୁ ଝିଅ ବଞ୍ଚାଇ ଦେଇଥିବା ଆଲୋଚନା ହେଉଛି। ତେଣୁ ଉକ୍ତ ପରିବାରକୁ ତୁରନ୍ତ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ସହ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମର ବୁଦ୍ଧିଜୀବୀଙ୍କ ସହ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଚିତ୍ରାଙ୍କନ ମାଧ୍ୟମରେ ପରିବେଶ ସୁରକ୍ଷା ସଚେତନତା

ପାରାଦୀପ, ୨୨।୪ (ସମିସ): ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଦିଗରେ କାମ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ



ସାତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପୃଥିବୀ ଦିବସ ପାଳନ ଅବସରରେ ସ୍ଥାନୀୟ ଷଣ୍ଡକୁଦ ବସ୍ତିରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ୩୦ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ ଏବଂ ଏହି ପ୍ରତିଯୋଗିତାର ବିଷୟ ଥିଲା ପ୍ଲାନେଟ ବନାମ ପ୍ଲାଷ୍ଟିକ। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ଅଂଶ ଗ୍ରହଣ କରିଥିବା ପିଲା ମାନଙ୍କୁ ଏବଂ ସ୍ଥାନୀୟ ବାସିନ୍ଦା ମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ଜୀବନ ଶୈଳୀ କିପରି ହେବ ତାହା ମଧ୍ୟ ସାତ୍ୱିକ ସୋଲ ଫାଉଣ୍ଡେସନର ସଦ୍ୟସ ମାନେ ସଚେତନ କରାଇଥିଲେ। ଏହି ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନେ ହେଲେ ପ୍ରଜ୍ଞାଶ୍ରୀ ସାହାଣୀ, ସାଇ ଶ୍ରୀ ବିଶ୍ୱାଳ ଏବଂ ଶତପ୍ରେମ ସାହୁ ଏବଂ ଏହି ପ୍ରତିଯୋଗିତା ସାତ୍ୱିକସୋଲ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲ ଏବଂ ଅନ୍ୟ ସଦସ୍ୟ ଅଞ୍ଜନା ମହାକୁଡ, ସରୋଜ କୁମାର ମହାଖୁଡ, ରାଜକମଲ ସ୍ୱାଇଁ, ଜିତେନ୍ଦ୍ର ଦାଶ, ସ୍ମୃତି ରଞ୍ଜନ ମୁଦୁଲି, ସୌମେନ୍ଦ୍ର ରାଉଳ, ବିଶ୍ୱଜିତ ନାୟକ, ଶୁଭଲକ୍ଷ୍ମୀ ନାଏକ ଓ ଶୁଭନ କୁମାର ସମେତ ସ୍ଥାନୀୟ ବାସିନ୍ଦା ସାବିତ୍ରୀ ସ୍ୱାଇଁ ଓ ପ୍ରତୀମା ମହାପାତ୍ର ଦ୍ୱାରା ସଫଳ ରୂପେ ଆୟୋଜନ କରାଯାଇଥିଲା।

## ପାନୀୟଜଳ ସଙ୍କଟ; ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମବାସୀ



ଏରସମା, ୨୨।୪(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ତିନି ଗ୍ରାମର ଅଧିବାସୀ ପାନୀୟ ଜଳ ସଙ୍କଟ ଭୋଗ କରୁଛନ୍ତି। ଏହି ପରିସ୍ଥିତି ଅନୁସନ୍ଧାନ କରିବାକୁ ଆସିଥିବା ଏସଡିଓଙ୍କୁ ଗ୍ରାମବାସୀ ଘେରିଥିବା ଜଣାପଡ଼ିଛି। ଏହି ପଞ୍ଚାୟତର ନଳଭେଡି, ଦାସମଠ ଓ ଯୁଣଗରି ଗ୍ରାମରେ ଜଳସ୍ତର ଲୁଣି ହୋଇଥିବାରୁ ସେଠାରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗ ପକ୍ଷରୁ ବାଲିକୁଦା ବ୍ଲକ ଅନ୍ତର୍ଗତ ଆମ୍ବସାଲଠାରେ ପାନୀୟ ଜଳର ଏକ ମେଗା ପ୍ରକଳ୍ପର ବ୍ୟବସ୍ଥା କରଯାଇଛି। ମାତ୍ର ପରିତାପର ବିଷୟ ଏହା ମଧ୍ୟରେ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଦୁଇ ଦିନ ତଳେ ଗ୍ରାମବାସୀ ଏହା ବିରୋଧରେ ଏକତ୍ରିତ ହେବା ନେଇ ଖବରକାଗଜରେ ଖବର ପ୍ରକାଶିତ ହେବାପରେ ସୋମବାର ବିଭାଗୀୟ ଏସଡିଓ ସମ୍ପୃକ୍ତ ଅଞ୍ଚଳକୁ ପରିସ୍ଥିତି ଅନୁଧ୍ୟାନ ପାଇଁ ଆସିଥିଲେ।

## ସାପ କାମୁଡ଼ାରେ ୫ ବର୍ଷ ଶିଶୁପୁତ୍ରର ମୃତ୍ୟୁ

ରଘୁନାଥପୁର, ୨୨।୪(ସମିସ): ସ୍ଥାନୀୟ ବାବୁଜଙ୍ଗ ଗ୍ରାମର ଶିବପ୍ରସାଦ ମହାପାତ୍ରଙ୍କ ଏକମାତ୍ର ପୁତ୍ର ଶ୍ରୀବାଂଶୁ (୫)ର ଆଜି ଭୋର୍ ୫ଟା ସମୟରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଶ୍ରୀବାଂଶୁ ମାଆ ପାଖରେ ଶୋଇଥିବାବେଳେ ହଠାତ୍ କାନ୍ଦିବାରୁ ମାଆ ଏକ ଗୋଖର ସାପ ସେଠାରୁ ଚାଲିଯିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଶ୍ରୀବାଂଶୁକୁ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ଶ୍ରୀବାଂଶୁକୁ ଚିକିତ୍ସା କରି ମୃତ ଘୋଷଣା କରିଥିଲେ। ଶ୍ରୀବାଂଶୁର ମୃତ୍ୟୁରେ ବାବୁଜଙ୍ଗ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାବୁଜଙ୍ଗ ସମିତିସଭ୍ୟ ଅଭୟ ଲେଙ୍କା, ବିଜେଡି ଯୁବନେତା ସୁଶାନ୍ତ ପ୍ରଧାନ, ସୁବାସ ମହାନ୍ତି, ପ୍ରଭାତ ମହାପାତ୍ର, ରାଜକୁମାର ମହାନ୍ତି, ରାକେଶ କୁମାର ମହାନ୍ତି, ମଣିଜଙ୍ଗ ସରପଞ୍ଚ ଶାରଦା ପ୍ରାସାଦ ମହାନ୍ତି ପ୍ରମୁଖ ଶ୍ରୀବାଂଶୁ ପରିବାରକୁ ସମବେଦନା ଜଣାଇଛନ୍ତି।

## ଏକଦିବସୀୟ ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ

ପାରାଦୀପ, ୨୨।୪(ସମିସ): ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ଏକ ଦିବସୀୟ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆୟୋଜିତ



ହୋଇଥିଲା। ସ୍ଥାନୀୟ ଗଲ୍ଫ ଫିଲଡ଼ ଠାରେ ଆୟୋଜିତ ଏହି ଏକ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ହାଣ୍ଡିକାପ ୦-୧୮ ବର୍ଗରେ ଧର୍ମେନ୍ଦ୍ର ମିଶ୍ର ବିଜେତା ହୋଇଥିବା ବେଳେ ବେଷ୍ଟ ଗ୍ରସ ବର୍ଗରେ ଅକ୍ଷୟ ଚନ୍ଦ୍ର ସୁତାର ବିଜୟୀ ଏବଂ ଓସ୍କାର ଡୁଙ୍ଗଡୁଙ୍ଗ ଦ୍ୱିତୀୟ ବିଜେତା ହୋଇଥିଲେ। ସେହିପରି ହାଣ୍ଡିକାପ ୧୮-୨୪ ବର୍ଗରେ ମନୋଜ କୁମାର ମହନ୍ତ ବିଜେତା, ସୁବାଷ ଆଚାର୍ଯ୍ୟ ଉପ-ବିଜେତା ହୋଇଥିବା ବେଳେ ଲଙ୍ଗେଷ୍ଟ ଡ୍ରାଇଭ ଓ ନିଅରେଷ୍ଟ ଟୁ ପିନ ରେ ଅଂଶୁମାନ ମହାପାତ୍ର ଓ ବବଲୁ ସିକଦାର ଯଥାକ୍ରମେ ବିଜୟୀ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦର ପରାମର୍ଶଦାତା ଆଶୀଷ କୁମାର ବୋଷ, ଉପ-ସଂରକ୍ଷକ କ୍ୟାପଟେନ ଅଲେଖ କୁମାର ସାହୁ, ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତ, ବରିଷ୍ଠ ଉପସଚିବ କେ. ଥିରୁମୁଲାର ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଗଲ୍ଫ କ୍ଲବର ସଭାପତି ଡି.ଏନ.ସୋନ୍ଧି, ସମ୍ପାଦକ ମନୋଜ ମହନ୍ତ, କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଉପସଭାପତି ସୁବାଷ ଆଚାର୍ଯ୍ୟ, ଗଲ୍ଫ କ୍ଲବର ଅଧିନାୟକ ଅକ୍ଷୟ ସୁତାର ପ୍ରମୁଖ ପରିଚାଳନା କରିଥିଲେ।



## ଚୋରା ଓ ନକଲି ମଦ କାରବାର ବୃଦ୍ଧି

# କାମ କରୁଛି ସ୍ୱତନ୍ତ୍ର ରାକେଟ୍, ଜଗୁନି ପୁଲିସ

**ଶୁଣୁନି ଅବକାରୀ ବିଭାଗ**

**କେନ୍ଦ୍ରାପଡ଼ା,୨୨।୪(ସମିସ):** ଗାଁ ଗାଁରେ ଏବେ ଚୋରା ଆଉ ନକଲି ମଦର ବନ୍ୟା। ସନ୍ଧ୍ୟା ହେଲେ ଝିଅ ବୋହୂ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି ।ରାସ୍ତା ଘାଟରେ ମଦୁଆଙ୍କ ଉତ୍ପାତ ବଢ଼ିଚାଲିଛି।ଏଣେତେଣେ କାଚ ବୋତଲ ଭାଙ୍ଗି ଲୋକଙ୍କୁ ସମସ୍ୟାରେ ପକାଉଛନ୍ତି। ନିଛାଟିଆ ସ୍ଥାନ ଦେଖି ଅପରାଧ ଘଟାଉଛନ୍ତି । ଅନେକ ଏହି ନକଲି ମଦ ପିଇ ଏବେ ଅସୁସ୍ଥ ହୋଇପଡିଛନ୍ତି ।ଏହି ନକଲି ଆଉ ଚୋରା ମଦ କାରବାରର ଚେର ଅନେକ ଆଡ଼କୁ ଲମ୍ବିଛି ।ନିକଟସ୍ଥ ଥାନାରୁ ନେଇ ଅବକାରୀ ବିଭାଗର କର୍ମଚାରୀମାନେ ମୋଟା ଅଙ୍କର ଅର୍ଥ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ତେବେ ସବୁଠାରୁ ବଡ କଥା ହେଲା ଏମାନେ ପୁଲିସ ଆଉ ଅବକାରୀ କର୍ମଚାରୀଙ୍କ ସାମ୍ନାରେ ଗଲେ ମଧ୍ୟ ସେମାନଙ୍କୁ ନଧରି ଛାଡ଼ି ଦିଆଯାଉଛି । ଜିଲ୍ଲାରେ ନକଲି ଆଉ ଚୋରା ମଦର ଏକ ସ୍ୱତନ୍ତ୍ର ରାକେଟ ଚାଲିଛି ।ଏଥିରେ ଅନେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ସଂପୃକ୍ତି ରହିଥିବା ସୂଚନା ମିଳିଛି । ଏମିତିକି ଜିଲ୍ଲାର ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ଶତାଧିକ ମଦ ପିଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି ।ଠିପିବନ୍ଦ ଦୋକାନ ପାଖରେ ଚାଖଣା ଦୋକାନ ରହିଛି ।ଏହା ପାଖରେ ଚାଖଣା ଦୋକାନ ରହିବା କଥା ନୁହେଁ । ମଦ କାଉଣ୍ଟର ଖୋଲିବା ପୂର୍ବରୁ ଏମାନେ ନକଲି ମଦ ରଖି ବିକ୍ରୀ କରୁଥିବା ଦେଖିବାକୁ ମିଳିଛି ।ଏହାଛଡ଼ା ଠିପି ବନ୍ଦ ଦୋକାନ ଅନୁମତିରେ ଦେଶୀ ମଦ ବିକ୍ରୀ ହେଉଛି । ଜିଲ୍ଲାରେ କୌଣସି ସ୍ଥାନରେ ଅବକାରୀ ନିୟମ ପାଳନ କରାଯାଉନି ବୋଲି ଅଭିଯୋଗ ପରେ ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ସବୁଠାରୁ ବଡ଼ କଥା ହେଲା ଜିଲ୍ଲା ଅବକାରୀ ବିଭାଗର ଛତ୍ରଛାୟା ତଳେ ବେଆଇନ ନିଶା କାରବାର ଏବେ ବଢି ଚାଲିଛି । ଅବାଧ ନିଶା ବ୍ୟବସାୟ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି ।ଯଦି କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକ ଚାପ ପଡୁଛି ତେବେ ପୁଲିସ ଆଉ ଅବକାରୀ ବିଭାଗର କେତେଜଣ କର୍ମଚାରୀ ଚଢ଼ଉ ପୂର୍ବରୁ ନିଶା ବ୍ୟବସାୟଙ୍କୁ ଖବର ଦେଇ ଦେଉଛନ୍ତି । ଫଳରେ ଚୋରା ଆଉ ନକଲି କାରବାର କରୁଥିବା ବ୍ୟବସାୟୀଙ୍କୁ ଗିରଫ କରିବା ସମ୍ଭବ ହେଉନି । ଯାହାର ପରିଣତ ସ୍ୱରୂପ ରାଜ୍ୟ ରାଜପଥ ନିକଟସ୍ଥ ମଦ ଦୋକାନକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ହଟାଇ ଦିଆଯାଇଥିଲେ ମଧ୍ୟ ତାର ପ୍ରତିବଦଳରେ ଗାଁ ଗାଁରେ ଚୋରା ମଦ ଦୋକାନ ଖୋଲି ଆଜିର ଯୁବପିଢ଼ିଙ୍କୁ ନଷ୍ଟଭ୍ରଷ୍ଟ କରିବାରେ ପ୍ରୟାସ ହୋଇଛି । ଯୁବକମାନେ ନିଶା ଖାଇ ଭିନ୍ନ ଭିନ୍ନ ଅପରାଧ ଘଟାଉଛନ୍ତି। ଚୋରି, ଡକାୟତି, ରାହାଜାନି, ଛିନତାଇ, ବନ୍ଧୁକ ଦେଖାଇ ଲୁଟ୍, ହତ୍ୟା, ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି ।ହାତ ପାହନ୍ତାରେ ନିଶା ମିଳିଯିବା ଯୋଗୁ ଅତ୍ୟଧିକ ନିଶା ସେବନ କରୁଛନ୍ତି ।ତେବେ ନିଶା ସେବନ ପାଇଁ ଆବଶ୍ୟକ ଟଙ୍କା ପାଇଁ କେତେକ ଗୋଷ୍ଠୀ ଅପରାଧ ଘଟାଉଛନ୍ତି ।ଏହି ଘଟଣାଟି ସ୍ଥାନୀୟ ପୁଲିସ ତଥା ଜିଲ୍ଲା ଅବକାରୀ ବିଭାଗର ଜ୍ଞାତସାରରେ ଚାଲିଛି ବୋଲି ଅଭିଯୋଗ ହେଉଛି । ସରକାରୀ ଭାବେ ଖୋଲିଥିବା ମଦ ଦୋକାନରେ ମଧ୍ୟ ବୋତଲ ଉପରେ ଲେଖାଯାଇଥିବା ରେଟ ଚାର୍ଟ ଠାରୁ ୨୦ରୁ ୩୦ ଟଙ୍କା ଅଧିକ ନେଇଥିବା ଅଭିଯୋଗ ହେଉଛି । ସେଥିପାଇଁ ଚୋରା ଆଉ ନକଲି ମଦ ମାଫିଆଙ୍କ ପାଦୁର୍ଭାବ ବଢୁଥିବା ପରିଲକ୍ଷିତ ହେଉଛି ।କେନ୍ଦ୍ରାପଡ଼ା ସଦର, ଟାଉନ ଥାନା, ନିକିରାଇ, ପାଟକୁରା, ରାଜନଗର ଅଞ୍ଚଳରେ ନକଲି ମଦ କାରବାର ହେଉଛି ନକଲି କାରଖାନାରୁ ବିଦେଶୀ ମଦ ଦୋକାନକୁ ବିକ୍ରି ପାଇଁ ପଠାଯାଉଛି ବୋଲି ଅଭିଯୋଗ ହେଉଛି ।ନକଲି ମଦ ସରକାରୀ କାଉଣ୍ଟର ନେଲେ ପ୍ରଚୁର ଲାଭ ମିଳୁଛି ବୋଲି ମଦ କାଉଣ୍ଟରରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି । ତା ଛଡା ସରକାରୀ ମଦଦୋକାନ ଗୁଡିକର ବିକ୍ରେତାମାନେ ମଟର ସାଇକଲରେ ମଦନେଇ ଗାଁ ଗହଳିରେ ଖୋଲିଥିବା ଚୋରା ମଦ ଦୋକାନରେ ଯୋଗାଉଛନ୍ତି । ସରକାରୀ ବାବୁ ମାନେ ମାସିକିଆ ବଟିନେଇ ଚୁପ୍ ରହୁଥିବାରୁ ଗାଁ ଗହଳିରେ ଚୋରାମଦ ଦିବା ଲୋକରେ ଚାଲୁଛି ।ଅବକାରୀ ବିଭାଗର ଛତ୍ରଛାୟା ତଳେ ନିଶାକାରବାର କାୟା ବିସ୍ତାର କରିବାରେ ଲାଗିଛି ।ତୁରନ୍ତ ଏହି ନକଲି ଆଉ ଚୋରା ମଦ କାରବାର ସହିତ ଅନ୍ୟାନ୍ୟ ନିଶା କାରବାରରେ ରୋକ ନଲାଗିଲେ ଆଗକୁ ପରିସ୍ଥିତି ଭୟାନକ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ପଦ୍ମ ଧରିଲେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳି

**ଡେରାବିଶ, ୨୨।୪ (ସମିସ) :** ଡେରାବିଶ ବ୍ଲକ ୧୩ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ତଥା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଆଜି ବିଜେଡ଼ି ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଆଜି ବିଧିବଦ୍ଧ ଭାବେ ସେ ଦଳରେ ଯୋଗଦେଇଛନ୍ତି। ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳୀୟ ନେତୃବୃନ୍ଦ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ଗୀତାଞ୍ଜଳିଙ୍କୁ ସ୍ୱାଗତ ଜଣାଇଛନ୍ତି। ଗୀତାଞ୍ଜଳି ତାଙ୍କ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମ ଓ ମୋଦି ଗ୍ୟାରେଣ୍ଟିରେ ପ୍ରଭାବିତ ହେବା ସହ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡ଼ିରୁ ଇସ୍ତଫା ଦେବା ସହ ବିଜେପିରେ ଯୋଗଦାନ କରିଛି ବୋଲି କହିଥିଲେ।

## ବିଜେଡି ସାଂସଦ ପ୍ରାର୍ଥୀ ରାଜଶ୍ରୀ ଓ ବିଧାୟକ ପ୍ରାର୍ଥୀ ରମାକାନ୍ତଙ୍କୁ ବିପୁଳ ସମ୍ବର୍ଦ୍ଧନା




**ତିର୍ତ୍ତୋଲ,୨୨।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ ପଞ୍ଚାୟତରେ ବିଜେଡି ସାଂସଦ ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ.ରମାକାନ୍ତ ଭୋଇ ଏକ ବିରାଟ ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ଗହଣରେ ଆସି ଜନସାଧାରଣଙ୍କ ଆର୍ଶୀବାଦ ଲୋଡିଥିଲେ। ପଞ୍ଚାୟତରେ ଜନସାଧାରଣଙ୍କ ତରଫରୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ପଞ୍ଚାୟତର ରସୁଲପୁରଠାରେ ରୟାଲ କ୍ଲବ ଆନୁକୁଲ୍ୟରେ ଇଦ ମିଳନ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ କବାଲି ନାଇଟରେ ଅତିଥି ଭାବେ ଯୋଗଦେଇଥିଲେ। ସାଂସଦ ପ୍ରାର୍ଥୀ ଡା.ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଡ. ଭୋଇ ବକ୍ତବ୍ୟ ରଖି ଇଦ୍ ମିଳନ କାର୍ଯ୍ୟକ୍ରମ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଏହା ହିନ୍ଦୁ ଓ ମୁସଲମାନ ମଧ୍ୟରେ ଭାଇଚାରା ଓ ସୌହାର୍ଦ୍ଦ୍ୟକୁ ସଦୃଢ କରିଥାଏ ବୋଲି କହିଥିଲେ। ଆଗାମୀ ନିର୍ବାଚନ ପାଇଁ ସମସ୍ତଙ୍କ ଆର୍ଶୀବାଦ ଲୋଡିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ କ୍ଷମତାସୀନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ବିଜେଡି ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଉପଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁନୀଲ ବେହେରା, ରଞ୍ଜିତା ସିଂ, ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ, ମେହବୁବ ବେଗ, ସମିତି ସଭ୍ୟ ଜରବଖତ ଖାନଙ୍କ ସମେତ ରୟାଲ କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୀବନୀ ଉପରେ ଲିଖିତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଖ ଲତଫ ଉଦ୍ଦିନ ଧନ୍ୟବାଦ ଦେଇଥିଲେ। ସୁଦୂର ପୁନାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା କବାଲି ପରିବେଷଣ କରାଯାଇଥିଲା।

## ବିଜେଡି ନେତା ପ୍ରବୀର ମହାନ୍ତିଙ୍କ ସ୍ମୃତିସଭା



**କେନ୍ଦ୍ରାପଡ଼ା,୨୨।୪(ସମିସ):** ବରିଷ୍ଠ ବିଜେଡି ନେତା, କେନ୍ଦ୍ରାପଡ଼ା ଓକିଲ ସଂଘ ସଦସ୍ୟ, ପୂର୍ବତନ କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷ ତଥା ସମାଜସେବୀ ପ୍ରବୀର ମହାନ୍ତିଙ୍କ ଦ୍ୱାଦଶାହରେ ମହିପାଳସ୍ଥ ବାସଭବନରେ ସ୍ମୃତିସଭା ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷ ଥିବା ସମୟରେ କେନ୍ଦ୍ରାପଡ଼ା ସହରର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ସ୍ମୃତିସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ, ୨୦୦୦ରୁ ସ୍ୱର୍ଗତ ମହାନ୍ତିଙ୍କ ସହିତ ମୋର ନିବିଡ ସମ୍ପର୍କ ଥିଲା। ସେ ତିନିମୁହାଣି ମାର୍କେଟ କମ୍ପ୍ଲେକ୍ସ ଓ ପୁରୁଣା ମେଡିକାଲ ଛକରେ ଥିବା ମାର୍କେଟ କମ୍ପ୍ଲେକ୍ସ ତାଙ୍କର ପ୍ରମୁଖ ଅବଦାନ। ଏହି ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସମାଜସେବୀ ମୁରଲୀ ସେଠୀ, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ପୂର୍ବତନ ପୌରପାଳ ଆକବର ଅଲ୍ଲୀ, ରଞ୍ଜିତ କୁମାର ସାହୁ, ନଗର ସଭାପତି ଯଯାତୀ କେଶରୀ ମହାନ୍ତି, ହିରଣ୍ୟ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ଆଶିଷ ପାଣି, ଗୋପାଳ ମହାପାତ୍ର, ଆଲୋକ ସାହୁ, ମୁକ୍ତାର ଖାଁ, ମହେନ୍ଦ୍ର କୁମାର ପରିଡା, ଆଇନଜୀବୀ ଭୀମସେନ ଭୂୟାଁ, ପୂର୍ବତନ ବାର୍ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ଗଣେଶ ଚନ୍ଦ୍ର ସାମଲ, ପୌରସଭ୍ୟ ଶିବାଶିଷ ପଣ୍ଡା, ଆଇନଜୀବୀ ସଞ୍ଜୟ ଜେନା, ପ୍ରଦୀପ୍ତ ମହାନ୍ତି, ଭଞ୍ଜକିଶୋର ମହାନ୍ତି, ନୃସିଂହ ଚରଣ ପାତ୍ର, ରବି ସାମଲ, ଦେବଦତ୍ତ ସାମଲ, କାଳୀପ୍ରସାଦ ମିଶ୍ର, ଦୀପକ ରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ମଲ୍ଲିକ, ପୀତବାସ ପଣ୍ଡା, ହେମନ୍ତ ପତି, ପ୍ରଦୀପ ମହାନ୍ତି, ବରିଷ୍ଠ ଆଇନଜୀବୀ ଅକ୍ଷୟ ମହାନ୍ତି, ଫକୀର ଚରଣ ଖଟୁଆ, ସେକ୍ ଗୋଫରାନ୍, ଆଲୋକ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଅଭିଷେକ ମହାନ୍ତି ଓ ଜିମୁତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରବିନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦ୍‌ଘାତରେ ରୋଷେୟାଙ୍କ ମୃତ୍ୟୁ



**ଡେରାବିଶ,୨୨।୪ (ସମିସ):** ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ପଣ୍ଡିତ ପାଟଣା ଗ୍ରାମର ଜଣେ ଯୁବ ରୋଷେୟା ନିକୁଞ୍ଜ ଦାଶ (୪୮)ଙ୍କର ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ ଗତକାଲି ରାତିରେ ଶୋଇଥିବା ବେଳେ ନିକୁଞ୍ଜ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ କଟକ ବଡ଼ ମେଡ଼ିକାଲ୍‌କୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନିକୁଞ୍ଜ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଜଣେ ଭଲ ଯୁବ ରେଷେୟା ଭାବେ ଅଞ୍ଚଳରେ ପରିଚିତ ଥିଲେ। ସୋମବାର ଏକ ଶୋକାକୂଳ ପରିବେଶ ମଧ୍ୟରେ ନିକୁଞ୍ଜଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ କରାଯାଇଥିଲା। ନିକୁଞ୍ଜଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାଟିପଡ଼ା, ସାନମାଙ୍ଗରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ଆଳି,୨୨।୪(ସମିସ):** ଆଳି ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପ୍ରଚାର ଅଭିଯାନ ଜୋର୍‌ଦାର କରିଛନ୍ତି। ଆଜି ଅପରାହ୍ନରେ ଆଳି ବ୍ଲକ ବାଟିପଡ଼ା ଓ ସାନମାଙ୍ଗ ପଞ୍ଚାୟତରେ ଆୟୋଜିତ ହୋଇ ଯାଇଛି 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ। ପ୍ରାର୍ଥୀ ଶ୍ରୀ ଦେବଙ୍କ ସହ ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ ଓ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ବାଟିପଡ଼ାରେ ପହଞ୍ଚି ବାଟିପଡା ଓ ମହାଦେଇପାଟଣା ଗ୍ରାମ ପରିକ୍ରମା କରି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ କେନ୍ଦ୍ରାପଡା ଲୋକସଭା ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିବା ସହ ଦଳୀୟ କର୍ମୀଙ୍କ ଘରେ ଶଙ୍ଖ ଚିହ୍ନ ଷ୍ଟିକର ଲଗାଇଥିଲେ। ଏଥିରେ ଉକ୍ତ ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ସାହୁ, ସମିତି ସଭ୍ୟ ପ୍ରକାଶ ଦାସ, ଯୁବ ନେତା ଅସିତ ସାହୁ, ବରିଷ୍ଠ ନେତା ପ୍ରଫୁଲ୍ଲ ନାୟକ, ପୂର୍ବତନ ସରପଞ୍ଚ ମୃଣାଳକାନ୍ତ ପାଣ୍ଡବ ଓ ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ସାନମାଙ୍ଗ ପଞ୍ଚାୟତରେ ଶ୍ରୀ ଦେବ ପହଞ୍ଚି ଠାକୁରସାହି,ସାନମାଙ୍ଗ,ବଡମାଙ୍ଗ ଓ ପାଞ୍ଚଣପଡ଼ା ଗ୍ରାମ ପରିକ୍ରମା କରି ଭୋଟ ପାଇଁ ନିବେଦନ କରିବା ସହ ଦଳୀୟ କର୍ମୀଙ୍କ ଘରେ ଶଙ୍ଖ ଚିହ୍ନ ଷ୍ଟିକର ଲଗାଇଥିଲେ। ଏଥିରେ ସରପଞ୍ଚ ହେମଲତା ସେଠୀ, ସମିତି ସଭ୍ୟ ପ୍ରତିନିଧି କୈଳାସ ମଲିକ, ସମବାୟ ସଭାପତି ଅଜିତ ନାୟକ, ପୂର୍ବତନ ସରପଞ୍ଚ ନିରୋଦ ବିଶ୍ୱାଳ, ପ୍ରୀତିରଞ୍ଜନ ରାୟ, କାର୍ତ୍ତିକ ଜେନା ଓ ଶ୍ୟାମସୁନ୍ଦର ସେଠୀ ପ୍ରମୁଖଙ୍କ ସହଯୋଗ କରିଥିଲେ।

## ଏକଜୁଟ୍ ହେଲେ ବିଦ୍ୟୁତ୍ ଶ୍ରମିକ



**କେନ୍ଦ୍ରାପଡ଼ା,୨୨।୪(ସମିସ):** ବିଭିନ୍ନ ଦାବିକୁ ନେଇ କେନ୍ଦ୍ରାପଡା "ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘ' ଏକଜୁଟ ହେଲା। ଦୀର୍ଘ ୧୬ ବର୍ଷ ହେବ ଶ୍ରମିକ ନିଷ୍ପେସିତ, ଅବହେଳିତ ହୋଇଥିବା ନେଇ ଅଭିଯୋଗ ହୋଇଛି । ଫାଇଲିନ, ହୁଡହୁଡ ଭଳି ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଇଲେକ୍ଟ୍ରିକ ଶ୍ରମିକମାନେ ନିଜ ଜୀବନକୁ ପାଣି ଛଡେଇ ଲୋକମାନଙ୍କୁ ସେବା ଯୋଗାଇ ଆସୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଏମାନଙ୍କ କଥା ବୁଝିବା ପରିବର୍ତ୍ତେ, ଏମାନଙ୍କୁ ଠିକା ଭାବେ କାମ କରେଇ ଆସୁଛନ୍ତି। ତେବେ ଦୀର୍ଘବର୍ଷ ହେବ କାମ କରିବାପରେ ନିଜର ସ୍ଥାୟିତ୍ୱ ପାଇଁ, ଏକଜୁଟ ହୋଇଛନ୍ତି ସହବନ୍ଧିତ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଓ ବିଜୁ ଶ୍ରମିକ ସାମୁଖ୍ୟ। ଚତୁର୍ଭୁଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ, ଡିଭିଜନ ସେକ୍ରେଟେରୀ ମନୋଜ ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ଅସିତ ସ୍ୱାଇଁ, ଗିରିଶ ବେହେରା, ଶିଶିର କୁମାର ନାୟକଙ୍କ ସହ ଆଇନଜୀବୀ ଭୀମସେନ ଭୂୟାଁ ଉପସ୍ଥିତ ଥିଲେ।

## ରାଧାରମଣ ଦେବଙ୍କ ଆବିର୍ଭାବ ମହୋତ୍ସବ ଉଦ୍‌ଯାପିତ



**ପଟ୍ଟାମୁଣ୍ଡାଇ,୨୨।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ପ୍ରଭୁ ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ଶୁଭ ଆବିର୍ଭାବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠର ସନ୍ଥ ସଂରକ୍ଷକ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାରୀତି ପୂଜାର୍ଚ୍ଚନା ସହ ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ନବରାତ୍ର ନାମସଂକୀର୍ତ୍ତନ ଯଜ୍ଞ କରାଯାଇଥିଲା। ଗତ ୪ତାରିଖରେ ନବରାତ୍ର ନାମସଂକୀର୍ତ୍ତନ ଯଜ୍ଞ, ୫ ତାରିଖରୁ ୯ ତାରିଖ ଚୈତନ୍ୟ ଭାଗବତ ପାଠ, ୧୦ରୁ ୧୩ ତାରିଖ ନାମସଂକୀର୍ତ୍ତନ ଓ ୧୪ରେ ନଗରକୀର୍ତ୍ତନ, ଶତକ୍ଷୋତ୍ତର ନୂତନ ଘଟ ଦ୍ୱାରା ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ଅଭିଷେକ, ଗୁଣାନୁକୀର୍ତ୍ତନ ଓ ଭୋଗାରାଧନା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ପରେ ମହୋତ୍ସବ ଉଦଯାପିତ ହୋଇଛି। କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ଭୋଳାନାଥ ପାଣ୍ଡେ, ରତ୍ନେଶ ସାହୁ, ରାଧାରମଣ ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ପୋଖରିଆପଡ଼ାରେ ଭାଗବତ ପାରାୟଣ



**ପଟ୍ଟାମୁଣ୍ଡାଇ, ୨୨।୪(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମରେ ଦୀର୍ଘ ୧୮ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ସାପ୍ତାହିକ ଭାଗବତ ପାରାୟଣ ଓ ହରିହାଟ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତବର୍ଷ ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସମାରୋହ ଲାଗିରହିଛି। ପୋଖରିଆପଡ଼ା ଗ୍ରାମବାସୀଙ୍କ ସହିତ ପଟ୍ଟାମୁଣ୍ଡାଇ ବଜାରର ବହୁ ଭଗବତପ୍ରେମୀ ଯୋଗଦେଇ ବିଭୁକୃପା ଲାଭ କରୁଛନ୍ତି। ପୂଜକ ଜୁମର ଷଡଙ୍ଗୀ ଓ ସହକର୍ମୀ ଟିଟୁ ନନାଙ୍କ ଦ୍ୱାରା ଭାଗବତ ପଠନ ଓ ପୂଜାର୍ଚ୍ଚନା କରାଯାଇ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଅନ୍ତିମ ଦିବସରେ ସଂକୀର୍ତ୍ତନ ଓ ହରିହାଟ ହେବାକୁ ସ୍ଥିର କରାଯାଇଛି। ଭାଗବତ ପାରାୟଣ କମିଟି ମୁଖ୍ୟ ଦୈତାରୀ ଜେନା, ଶୁକଦେବ ସ୍ୱାଇଁ, ଭରତ ଦାଶ, ନିରାକାର ସାହୁ, ଦେବଦତ୍ତ ସ୍ୱାଇଁ, ଲିପୁନ ଦାଶ, ସ୍ମୃତିରଞ୍ଜନ ଷଣ୍ଢ, ବାପି ଦାଶ, ଦେବାଶିଷ ନାୟକ, ପ୍ରକାଶ ଆଚାର୍ଯ୍ୟ, ଜିତେନ୍ଦ୍ର ନାୟକ, ଦେବେନ୍ଦ୍ର ଦାଶ, ପପୁ ବାରିକ, ବାବନ ଷଣ୍ଢ, ଅର୍ପଣ ସାମଲ, ବାଇଧର ବାରିକ ଓ ପୋଖରିଆପଡା ଗ୍ରାମର ବରିଷ୍ଠ ନାଗରିକ, ଯୁବ ସଂପ୍ରଦାୟଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରି ଚଳିତବର୍ଷ ଭାଗବତ ପାରାୟଣ ଶୃଙ୍ଖଳାର ସହିତ କରାଯାଉଛି।

## ଗାଁ ସାଥୀଙ୍କ ସାଂଗଠନିକ କର୍ମଶାଳା

# ମେ ୨୨ରେ ଜିଲ୍ଲା ସଂଘର ବିଶାଳ ଶପଥ ସମାବେଶ



**କେନ୍ଦ୍ରାପଡ଼ା,୨୨।୪(ସମିସ):** ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଓଡିଶା ପ୍ରଦେଶ ଶାଖା ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ସଂଘ ସଭାପତି ଅନୀଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗରାପୁରସ୍ଥ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ଜିଲ୍ଲା ଓ ବ୍ଲକ କମିଟିର ଶତାଧିକ ସଭ୍ୟସଭ୍ୟାଙ୍କୁ ନେଇ ଏକ ସାଂଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆସନ୍ତା ମେ' ମାସ ୨୨ ତାରିଖରେ ଜିଲ୍ଲା ସଂଘର ଶପଥ ସମାବେଶ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଗଠନର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ସଂଗଠନର ଜିଲ୍ଲା ଓ ବ୍ଲକ କମିଟିର ପୁନର୍ଗଠନ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ବିଷୟରେ ଗଣମାଧ୍ୟମକୁ ଜଣାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ପ୍ରଥମତଃ ଜିଲ୍ଲାରେ ଗତ ଚାରିବର୍ଷ ଧରି ହଜାର ହଜାର ଗାଁ ସାଥୀ(ମେଟ୍) ମନରେଗା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ କରି ମଧ୍ୟ ସେମାନଙ୍କର ପ୍ରାପ୍ୟ ଏଯାବତ୍ ପାଇନାହାନ୍ତି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ମଧ୍ୟ କୌଣସି ବ୍ଲକରେ କିଛି ବି ଫଳ ମିଳିନାହିଁ। ଏ ସମ୍ପର୍କରେ ତୁରନ୍ତ ଲେବର କୋର୍ଟରେ ହଜାର ହଜାର ସଂଖ୍ୟାରେ ଦ୍ୱାରସ୍ଥ ହେବା ପାଇଁ ବିଗତ ବୈଠକ ଅନୁଯାୟୀ ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଚଳିତବର୍ଷ ମେ ମାସ ୨୨ ତାରିଖ ସକାଳ ୮ଘଟିକା ସୁଦ୍ଧା କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତ ଗାଁ ସାଥି(ମେଟ୍) ଓ ଉପକୂଳବର୍ତ୍ତୀ ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ସ୍ଥାନୀୟ ବଳଦେବଜୀଉଙ୍କ ମନ୍ଦିରରେ ପହଞ୍ଚି ଏକ ବିଶାଳ ଶପଥ ସମାରୋହ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଠାରେ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ପଦକ୍ଷେପକୁ ସ୍ପଷ୍ଟ କରାଯିବ। ଏଥିପାଇଁ ଚଳିତ ଏପ୍ରିଲ ୨୮ ତାରିଖ ସକାଳ ୯ ଘଟିକାରେ ଗରାପୁରସ୍ଥ ଗୋପାଳଜୀଉଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ କରାଯିବା ପାଇଁ ସଂଘ ସ୍ଥିର କରିଛି। ଏହି ସମାବେଶରେ ସମ୍ପାଦକ ବିଜୟ କୁମାର ବେହେରା, ଉପେନ୍ଦ୍ର କୁମାର ସାହୁ, ନିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ବରଦାକାନ୍ତ ପାତ୍ର, ମମତା ନାୟକ, ଜ୍ୟୋସ୍ନାରାଣୀ ଜେନା, ସରୋଜ ବେହେରା, ରଶ୍ମିତା ପୃଷ୍ଟି, ଶିଶିର ଦାସ, ଇନ୍ଦ୍ରମଣି ସାହୁ, ପ୍ରମୋଦ ରାଉତ, ରାଜୀବ ସାହୁ, ଅନୁକମ୍ପା ସାହୁ, ଅନୀତା ଦାସ, କୌଶଲ୍ୟା, ସୁରେଶ ସାମଲ, ପ୍ରତାପ ପଡିହାରୀ, କବିର ବସନ୍ତିଆ, ସୁବାସ ପରିଡା, ନରହରି ଜେନା, ମନୋଜ ସାହୁ, ଜଳଧର ଓଝା, ଭାନୁମତୀ ଦାସ, ବନିତା ଓଝା, ନଳିନୀକାନ୍ତ ଖୁଣ୍ଟିଆ, ନିତ୍ୟସୁନ୍ଦର ଜେନା, ଶଶୀଭୂଷଣ ରାଉତ, ରବୀନ୍ଦ୍ର ରାଉତ ପ୍ରମୁଖ ଶତାଧିକ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ଏହି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ଘଟଣା; ଜଣେ ଗିରଫ

**ଢେଙ୍କାନାଳ,୨୨।୪(ସମିସ):** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନୈକ ରୋଗୀର ମୃତ୍ୟୁକୁ ନେଇ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ ମରାଯିବା ସହିତ ଜୀବନରେ ମାରିଦେବାକୁ ଧମକ ଘଟଣାରେ ଜନୈକ ଯୁବକକୁ ଗିରଫ କରିଛି ପୁଲିସ। ଗୁରୁବାର ସକାଳ ୯ଟା ୫୮ ମିନିଟ ସମୟରେ ନିକଟସ୍ଥିତ ସିମିଳିଆ ଗ୍ରାମର ରାଧୁଚନ୍ଦ୍ର ବେହେରା(୫୦)ଙ୍କୁ ଗ୍ୟାସ ଜନିତ ରୋଗସହିତ ଅତ୍ୟନ୍ତ ସଙ୍ଗୀନ ଅବସ୍ଥାରେ ଚିକିତ୍ସାଳୟକୁ ଅଣାଯାଇଥିଲା। ଏହି ସମୟରେ ଓପିଡିରେ କାର୍ଯ୍ୟରତ ଡାକ୍ତର ରାଜେଶ କୁମାର ସିଂ ରୋଗୀକୁ ଚିକିତ୍ସା କରିବା ସହିତ ରୋଗୀ ସିରିୟସ ଥିବାର ସମ୍ପର୍କୀୟମାନଙ୍କୁ କହିଥିଲେ। ପରେ ସେ ରୋଗୀଙ୍କୁ ଅକ୍ସିଜେନ ଏବଂ ସିପିଆର ବ୍ୟବହାର କରିଥିବାବେଳେ ରୋଗୀର ଅବସ୍ଥା ଶୋଚନୀୟ ହେଉଥିବାରୁ ତାଙ୍କୁ କଟକ ନେବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ରାଧୁଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟଙ୍କୁ ଜଣାଇବା ପରେ ସେଠାରେ ଉପସ୍ଥିତ ଥିବା ଚିକିତ୍ସାଧିନ ରାଧୁଚନ୍ଦ୍ରଙ୍କ ପୁଅ ରଶ୍ମିରଞ୍ଜନ ଏବଂ ତାଙ୍କ ସମ୍ପର୍କୀୟମାନେ ଡାକ୍ତର ରାଜେଶଙ୍କୁ ଟାଣିଆଣି ନିସ୍ତୁକ ମାଡ ମାରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ କାର୍ଯ୍ୟରତ ଡାକ୍ତରମାନେ ଟାଉନଥାନରେ ଲିଖିତ ଅଭିଯୋଗ କରିବା ସହିତ ବିଭାଗୀୟ ଅଧିକାରୀ ଏବଂ ଓମସାକୁ ମଧ୍ୟ ଜଣାଇଥିଲେ। ଟାଉନ୍ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁକରି ରଶ୍ମିରଞ୍ଜନ ବେହେରା(୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଇଣ୍ଡାରେ ଭାଗୀରଥିଙ୍କୁ ସମ୍ବର୍ଦ୍ଧନା



**ବଇଣ୍ଡା,୨୨।୪(ସମିସ):** ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ଭାଗିରଥି ପ୍ରଧାନଙ୍କୁ ସୋମବାର ଦିନ ବିଜେଡି ପକ୍ଷରୁ କିଶୋରନଗର ବ୍ଲକ ବଇଣ୍ଡାଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱରରୁ ସୋମବାର ଦିନ ଆସିବାପରେ ବଇଣ୍ଡାସ୍ଥିତ କଲ୍ୟାଣମଣ୍ଡପଠାରେ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଭାଗିରଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏ ନେଇ ଭାଗିରଥି କହିଥିଲେ ଯେ, ଆଠମଲ୍ଲିକରେ ବିଜେଡି ବିଜୟୀ ହେବା ସହ ବଇଣ୍ଡା ଓ ଆଠମଲ୍ଲିକର କିଭଳି ଅଧିକ ବିକାଶ ହେବ ସେ ନେଇ ଅଧିକ ଦଳ ପାଇଁ କାମ କରିବି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ବବିତା ପ୍ରଧାନ, ଭାଗିରଥିଙ୍କ ପତ୍ନୀ ଅଳକା ପ୍ରଧାନ, ବ୍ଲକ ଅଧକ୍ଷ୍ୟା ଶୈରେନ୍ଦ୍ରି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ଲୁହାମୁଣ୍ଡା ସରପଞ୍ଚ କୁମୁନ୍ଦ ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ଜିତେନ୍ଦ୍ର ବେହେରାଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

## ଉତ୍କଳ ଗୋପାଳ ସମାଜ ପକ୍ଷରୁ ଜଳଛତ୍ର



**କଣିହାଁ,୨୨।୪(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନବ ଦିନାତ୍ମକ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାରେ ପୀଠସ୍ଥାନ ଏବଂ ଉଭାସ୍ଥଳୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ ସହିତ ଜଳଛତ୍ର ଖୋଲିଥିଲା। ସେହିପରି ଉତ୍କଳ ଗୋପାଳ ସମାଜର ଅନୁଗୋଳ ଜିଲ୍ଲା ଉପଖଣ୍ଡ ଏବଂ ବ୍ଲକ ମହକୁମା ପକ୍ଷରୁ ହିଙ୍ଗୁଳା ଯାତ୍ରାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା। ଅନୁଷ୍ଠାନର ଉତ୍କଳ ଗୋପାଳ ସମାଜ ରାଜ୍ୟ ସଭାପତି ବିଦ୍ୟାଧର ଭୁତିଆ, ରାଜ୍ୟ ସମ୍ପାଦକ ପ୍ରତାପ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଗୋପାଳ ଭାଇମାନେ ସହାୟତା ଯୋଗାଇଥିଲେ। ଜଳଛତ୍ର କାର୍ଯ୍ୟକ୍ରମରେ ବାପୁଜୀ ଭୁତିଆ, ପ୍ରବୀଣ କୁମାର ଭୁତିଆ, ଚରଣ ବେହେରା, ସୁଷମା ବେହେରା, ପ୍ରବୀଣ ପରିଡା, ବିନୋଦ ଦାସ, ଦୟାନିଧି ବେହେରା, ଭରତ ଚନ୍ଦ୍ର ବେହେରା, ପୀତବାସ ଭୁତିଆ, ପ୍ରଶାନ୍ତ ଭୁତିଆ, ମାନସ ରଞ୍ଜନ ଭୁତିଆ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ସହଯୋଗ କରିଥିଲେ।

### ରାଜସ୍ୱ କମିଶନରଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

# ସମସ୍ତ ବୁଥ୍‌ରେ ପିଇବା ପାଣି, ବିଦ୍ୟୁତ୍, ଆଶ୍ରୟସ୍ଥଳୀ ସୁବିଧା



**ଅନୁଗୋଳ,୨୨।୪(ସମିସ):** ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନ ସଭା ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଅନୁଗୋଳ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସର୍କିଟହାଉସଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ସେ ଜିଲ୍ଲାର ସମସ୍ତ ବୁଥରେ ପିଇବା ପାଣି, ବିଦ୍ୟୁତ୍, ଆଶ୍ରୟସ୍ଥଳୀ ଭଳି ମୌଳିକ ସୁବିଧାର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମତଦାନ ପ୍ରତିଶତ କମ୍ ଥିବା ଅଞ୍ଚଳ ମୁଖ୍ୟତଃ ଶିଳ୍ପାଞ୍ଚଳ ଗୁଡିକରେ ଅଧିକରୁ ଅଧିକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୋଷ୍ଟାଲ ବାଲଟ, ସି-ଭିଜିଲ ଆପ, ସୁବିଧା ପୋର୍ଟାଲର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କରିଥିଲେ। ନିର୍ବାଚନ ଆଚରଣବିଧିକୁ ଅତି ଗୁରୁତ୍ୱର ସହ ନେବା ସହିତ, ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସେକ୍ଟର ଅଫିସର ପ୍ରମୁଖ ଉପସ୍ଥିତଥିଲେ।

## ସ୍ୱିପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସଚେତନତା ଅଭିଯାନ



**ଅନୁଗୋଳ,୨୨।୪(ସମିସ):** ସାଧାରଣ ନିର୍ବାଚନ -୨୦୨୪ରେ ଅନୁଗୋଳ ଜିଲ୍ଲାର ମତଦାନ ହାରବୃଦ୍ଧି ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱିପ ଅନ୍ତର୍ଗତ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲ୍ଲାରେ ଥିବା ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀର ଭୋଟର ମାନଙ୍କୁ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ ଦେବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ କରାଯାଉଛି। ସଚେତନତାର ବାର୍ତ୍ତା ନେଇ "ସ୍ୱିପ" ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଗୋଳ ପୌରାଞ୍ଚଳରେ ଥିବା ବିଭିନ୍ନ ଦୋକାନବଜାରକୁ ଆସୁଥିବା ଗ୍ରାହକମାନଙ୍କୁ ସଚେତନତାର ବାର୍ତ୍ତା ଥିବା ଷ୍ଟିକର ବଣ୍ଟାଯାଇ ସଚେତନ କରାଯାଉଛି। ସେହିପରି ସମସ୍ତ ସରକାରୀ ଯାନରେ ମଧ୍ୟ ଭୋଟର ସଚେତନତାର ବାର୍ତ୍ତା ଥିବା ଷ୍ଟିକର ଲଗାଯାଇଛି। ଜିଲ୍ଲାରେ ଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କୁ ମତଦାନର ମହତ୍ୱକୁ ନେଇ ସଚେତନତା ବାର୍ତ୍ତା ଦିଆଯାଉଛି। ଜିଲ୍ଲାର ବିଭିନ୍ନ ଥଇଥାନ ଅଞ୍ଚଳରେ ବାସ କରୁଥିବା ଭୋଟରମାନଙ୍କୁ ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଭାବେ ସଚେତନ କରାଯାଉଛି।

ସେହିପରି ମୁଖ୍ୟ ଓ ଜନଗହଳି ସ୍ଥାନଗୁଡିକରେ କଳାକାରମାନେ ଲୋକକଳା ମାଧ୍ୟମରେ ଭୋଟରମାନଙ୍କୁ ମତଦାନ କରିବାକୁ ସଚେତନ କରୁଛନ୍ତି। ବସ ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ମୁଖ୍ୟ ଜନଗହଳିସ୍ଥାନ ମାନଙ୍କରେ ସେଲ୍‌ଫି ପଏଣ୍ଟ ସ୍ଥାପନ ଓ ଦସ୍ତଖତ ଅଭିଯାନ ମଧ୍ୟ କରାଯାଉଛି। ମୁଖ୍ୟତଃ ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାଭୋଟରମାନଙ୍କୁ ସଚେତନ ନିମନ୍ତେ ମିଶନ ଶକ୍ତି ମା'ମାନଙ୍କ ଜରିଆରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତ ନିର୍ବାଚନରେ ୮୦ ପ୍ରତିଶତରୁ କମ୍ ମତଦାନ ହୋଇଥିବା ଅଞ୍ଚଳରେ ଅଧିକ ସଚେତନତା କାର୍ଯ୍ୟକ୍ରମ ପ୍ରଶାସନ ତରଫରୁ କରାଯାଉଛି। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅଦାଲ୍ ଏମ୍ ଅଖରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

## ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଅନ୍ନବସ୍ତ୍ର ଦାନ




**ତାଳଚେର ,୨୨।୪(ସମିସ):** ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ପବିତ୍ର ହିଙ୍ଗୁଳା ଯାତ୍ରା ଅବସରରେ ଶାଳବଣି ଛକ ନିକଟରେ ଅସହାୟ ଭିନ୍ନକ୍ଷମଙ୍କୁ ଅନ୍ନ,ବସ୍ତ୍ର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଗୌରଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବସ୍ତ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ତାଳଚେର ରେଞ୍ଜର ସୁକାନ୍ତି ଦେଇ, ଶିକ୍ଷାବିତ ଚକ୍ରଧର ପ୍ରଧାନ,ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ସାହୁ, ଦୈତାରି ସାହୁ, ପତି ସାହୁ, ଅନିଲ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୮୯୦ଜଣ ମହିଳା ଓ ପୁରୁଷ ସହିତ ୧୯୦ଜଣ ଛୋଟ ପିଲାଙ୍କୁ ଅନ୍ନ, ବସ୍ତ୍ର ଦାନ ସହିତ ଆଶୁ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫ ଜଣକୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ପ୍ରଥମ ଏବଂ ଦ୍ୱିତୀୟ ଦିବସରେ ଭକ୍ତମାନଙ୍କୁ ଦହି ସର୍ବତ,ଗ୍ଲୁକୋଜ୍ ପାଣି, ଯାତ୍ରୀ ବିଶ୍ରାମ ସେବା ଆଦି ପ୍ରଦାନ କରାଯାଉଛି। ଏଥିରେ ଅନୁଷ୍ଠାନର ସଦସ୍ୟ ମନ୍ଦର ସାହୁ, ନରେଶ ଚନ୍ଦ୍ର ସ୍ୱାଇଁ, ଦିବାକର ସାହୁ, ପଞ୍ଚୁନାଥ ସାହୁ, ପୁରୀ ସାହୁ, ବିଶ୍ୱମୋହନ ମହାନ୍ତି, ମଧୁସୁଦନ ସାହୁ, ଅଭୟ ପ୍ରଧାନ ଇନ୍ଦୁମତି ମହାରଣା, ରବି ଭୁତିଆ, ଅଇଁଠୁ ସ୍ୱାଇଁ, ସୁଶୀଲ ମାଝୀ, ଶ୍ରୀନିବାସ ସାହୁ ପ୍ରମୁଖ ସହିତ ତାଳଚେର ଓ ଅନୁଗୋଳ ଜିଲ୍ଲାର ବହୁ ବଦାନ୍ୟ ବ୍ୟକ୍ତି ସାହାଯ୍ୟ ଓ ସହଯୋଗ କରିଥିଲେ।

## ବିଜେପିର ୫୬ କର୍ମୀ ବିଜେଡିରେ ସାମିଲ୍



**ଅନୁଗୋଳ,୨୨।୪(ସମିସ):** ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ୫୬ ଜଣ ସକ୍ରିୟ ବିଜେପି କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ସ୍ୱଚ୍ଛ ଶାସନ ସହିତ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କ ବିକାଶଧାରାରେ ଅନୁପ୍ରାଣୀତ ହୋଇ ବିଜେଡିରେ ମିଶିଛନ୍ତି। ଦଣ୍ଡସିଂହା ଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଏହି ୫୬ ଜଣ ଆଠମଲ୍ଲିକର ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କଠାରୁ ବିଜେଡି ଉତ୍ତରୀୟ ପରିଧାନ କରି ଦଳରେ ସାମିଲ୍ ହୋଇଛନ୍ତି। ଚଳିତବର୍ଷ ନିର୍ବାଚନରେ ଉଭୟ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ୍ ଏବଂ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ବିପୁଳ ଭୋଟ୍‌ରେ ଜିତାଇବାକୁ ଦୃଢ ସଂକଳ୍ପ ନେଇଛନ୍ତି। ଜଗନ୍ନାଥପୁର ପଞ୍ଚାୟତରେ ବିଜେଡି ଏକ ପ୍ରକାର ସଂଗଠିତ ହୋଇ ଶକ୍ତିଶାଳୀ ହୋଇଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ପାଲଲହଡା,୨୨।୪(ସମିସ):** ଗାଧୋଇବା ବେଳେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖମାର ଥାନା ବଡସଡ଼ା ପଞ୍ଚାୟତ ରୋହିରା ଗ୍ରାମର ଲିଙ୍ଗରାଜ ବେହେରା (୨୧)। ସେ ପାଲଲହଡା ଥାନା ଜୋକପାଣି ଗ୍ରାମ ନିଜ ସମ୍ପର୍କୀୟଙ୍କ ଘରକୁ ରବିବାର ଆସିଥିଲ। ସୋମବାର ପୋଖରୀକୁ ଗାଧେଇବାକୁ ଯାଇଥିବାବେଳେ ବୁଡି ଯାଇଥିଲେ। ଖବର ପାଇ ଗ୍ରାମବାସୀ ଲିଙ୍ଗରାଜକୁ ଉଦ୍ଧାର କରି ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାଲଲହଡା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହିନ୍ଦୋଳ ଉପଜିଲ୍ଲାପାଳଙ୍କ ନିର୍ବାଚନ ପ୍ରସ୍ତୁତି ବୈଠକ

**ହିନ୍ଦୋଳ,୨୨।୪(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ନିମନ୍ତେ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଶିବାନନ୍ଦ ସ୍ୱାଇଁ, ହିନ୍ଦୋଳ ଏସ୍‌ଡିପିଓ, ଓଡ଼ାପଡ଼ା ବିଡିଓ, ହିନ୍ଦୋଳ ବିଡିଓ, ଓଡ଼ାପଡ଼ା ତହସିଲଦାର, ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ସମସ୍ତ ଥାନା ଭାରପ୍ରାପ୍ତ ଅଧିକାରୀ, ସାମ୍ବାଦିକ ବନ୍ଧୁମାନଙ୍କ ସମେତ ସମସ୍ତ ନିର୍ବାଚନୀ ଅଫିସର ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ, ନାମାଙ୍କନ ଦାଖଲ ସମୟରେ ଆଚରଣ ବିଧି ଅନୁପାଳନ କରିବା ସହିତ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ (ହୃଦ୍‌ଘାତ) ପ୍ରତି ସଜାଗ ହୋଇ ଡି. ଜେ. ସାଉଣ୍ଡ ବ୍ୟବହାର ସମୟରେ ଭାଇବ୍ରେଟର ତୀବ୍ରତା ପ୍ରତି ଦୃଷ୍ଟି ଦେବାକୁ ସମସ୍ତ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ଆବଶ୍ୟକ ହେଲେ ନାମାଙ୍କନ ପୂର୍ବରୁ ରିଟର୍ଣ୍ଣିଂ ଅଫିସରମାନଙ୍କ ସହିତ ଯୋଗାଯୋଗ କରି ସମସ୍ତ ସଠିକ ତଥ୍ୟ ସହିତ ଆବେଦନ କରିବାକୁ କହିଥିଲେ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଯେପରି ଅଧିକରୁ ଅଧିକ ମତଦାନ ହୋଇପାରିବ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ଏବଂ ଏଥିରେ ସମସ୍ତେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୮୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କ ପାଇଁ ଗୃହ ମତଦାନର ବ୍ୟବସ୍ଥା କରାଯିବ। ଏହା ସହିତ ବିଧାନସଭା ପ୍ରାର୍ଥୀମାନଙ୍କ ନିମନ୍ତେ ସର୍ବାଧିକ ୪୫ଲକ୍ଷ ଏବଂ ଲୋକସଭା ପ୍ରାର୍ଥୀ ସର୍ବାଧିକ ୯୫ଲକ୍ଷ ଖର୍ଚ୍ଚ କରିପାରିବେ ଏବଂ ପ୍ରାର୍ଥୀମାନଙ୍କୁ ମଧ୍ୟ ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ପଡ଼ିବ। କୌଣସି ସରକାରୀ କାର୍ଯ୍ୟାଳୟରେ ନିର୍ବାଚନୀ ପୋଷ୍ଟର ବ୍ୟାନର ନ ଲଗାଇବା ପାଇଁ ମଧ୍ୟ କହିଥିଲେ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ।

### ପାନୀୟ ଜଳ ସମସ୍ୟା

# ହିନ୍ଦୋଳ ବିଡିଓଙ୍କୁ ଗୁହାରି କଲେ ମହିଳା



**ଢେଙ୍କାନାଳ,୨୨।୪(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଗାଲପଡା ପଞ୍ଚାୟତ ଅର୍ନ୍ତଗତ ଗାଲପଡା ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଶହଶହ ମହିଳା ବସୁଧା ଯୋଜନାରେ ହେଉଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ହିନ୍ଦୋଳ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗାଲପଡା ସରପଞ୍ଚଙ୍କ ଦାଦାଗିରି ପାଇଁ ତିନୋଟି ୱାର୍ଡର ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସେମାନେ ହିନ୍ଦୋଳ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି। ଦୀର୍ଘ ୧୫ବର୍ଷ ବିତି ଯାଇଥିଲେ ମଧ୍ୟ ସରପଞ୍ଚ କିମ୍ବା ବିଭାଗ ତରଫରୁ ଖୋଲାକୂପର ପୁନରୁଦ୍ଧାର କରାନଯିବା ଦ୍ୱାରା ଖରା ୪ମାସ ଭୀଷଣ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଗତ ମାର୍ଚ୍ଚ ୧୧ ଏବଂ ୨୧ ତାରିଖରେ ଗାଲପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ପାନୀୟଜଳ ବିଭାଗର କନିଷ୍ଠଯନ୍ତ୍ରୀ ଓ ବାଲିମୀ ଥାନା ଅଧିକାରୀ ମିଳନ କୁମାର ଶତପଥୀଙ୍କର ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାର ସମାଧାନ କରାଯାଇଥିଲା। ସରପଞ୍ଚ ମନଇଚ୍ଛା ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରିବାସହିତ ପମ୍ପଚାଳକଠାରୁ ବଳପୂର୍ବକ ଚାବିନେଇ ମନଇଚ୍ଛା ସପ୍ତାହରେ ଗୋଟିଏ ଦିନ ପମ୍ପ ଚଲେଇବା ଦ୍ୱାରା ଲୋକମାନେଜଳ ପାଇବାରୁ ବଞ୍ଚିତ ହେବା ସହିତ ଗ୍ରୀଷ୍ମ ଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଲପଡା ଗ୍ରାମ ପାଇଁ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପକୁ ବଳପୂର୍ବକ କୋଠାଲୁ ଗ୍ରାମକୁ ସଂଯୋଗ କରିବାଦ୍ୱାରା ଗ୍ରାମର ମହିଳା ବିରୋଧ କରିବାରୁ ସରପଞ୍ଚ ଏବଂ ତାଙ୍କୁ ଉପସ୍ଥିତ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାସହିତ ଗ୍ରାମପଞ୍ଚାୟତ ପିଅନ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ନାମରେ ବାଲିମୀଥାନାରେ ଏକ ଏତଲା ଦେଇଥିବାରୁ ଆଜି ଗ୍ରାମର ଶତାଧିକ ମହିଳା ହିନ୍ଦୋଳ ବିଡ଼ିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏଭଳି ସମସ୍ୟାକୁ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜିଲ୍ଲାପାଳଙ୍କୁ ଭେଟିଲେ ସାହି ବାସିନ୍ଦା



**ଢେଙ୍କାନାଳ,୨୨।୪(ସମିସ) :** ସଦରଥାନା ଅନ୍ତର୍ଗତ କଙ୍କଡାହାଡ ପଞ୍ଚାୟତର ୫ ନମ୍ବର ୱାର୍ଡ ରଗଡିସାହିରେ ପାନୀୟଜଳ ସଂକଟ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାହିର ସମସ୍ତ ବାସିନ୍ଦା ହରିଜନ ଶ୍ରେଣୀର ହୋଇଥିବାବେଳେ ସାହିରେ ଥିବା ନଳକୂପରୁ ଖରାଦିନରେ ପାଣି ବାହାରୁନାହିଁ। ଫଳରେ ପାନୀୟଜଳ ପାଇଁ ସାହି ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାକୁ ଦୃଷ୍ଟିରେ ରଖି ସାହିକୁ ପାନୀୟ ଜଳ ଯୋଗାଣ କରିବାକୁ ସାହିର ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଦାବି କରିଛନ୍ତି। ସାହିର ବାବୁଲା ନାଏକ, ବାସନ୍ତୀ ନାଏକ, କାର୍ତ୍ତିକ ନାଏକ, ଦୁଲଣା ନାଏକ, ଗେହ୍ଲା ନାଏକ ପ୍ରମୁଖ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ବୈଠକ



**ଅନୁଗୋଳ,୨୨।୪(ସମିସ):** ଆଗାମୀ ଲୋକସଭା ଓ ବିଧାନ ସଭା ସାଧାରଣ ନିର୍ବାଚନ୨୦୨୪ ଉପଲକ୍ଷେ, ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଆଜି ପୂର୍ବାହ୍ନରେରେ ଜିଲ୍ଲାପାଳ ଆଦାଲ୍ ଏମ ଆଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ମୁଖ୍ୟତଃ ରାଜନୈତିକ ଦଳମାନଙ୍କର କିଭଳି ନିର୍ବାଚନ ଖର୍ଚ୍ଚ ଆକଳନ କରାଯିବ, 'ସୁବିଧା' ପୋର୍ଟାଲ ଜରିଆରେ ସଭା, ରାଲି ଓ ଅନ୍ୟାନ୍ୟ ପ୍ରଚାର ମାଧ୍ୟମ ନିମନ୍ତେ ଅନୁମତି ଗ୍ରହଣ ବ୍ୟବସ୍ଥା, ନିର୍ବାଚନ ଖର୍ଚ୍ଚ ତଦାରଖ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ହେମନ୍ତ କୁମାର ସିଂ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରୁଣ୍ୟେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ, ବିଜୁ ଜନତା ଦଳ ତରଫରୁ ସଦାନନ୍ଦ ପଣ୍ଡା ଓ ବୃନ୍ଦାବନ ସ୍ୱାଇଁ, ବିଜେପିରୁ ଅରୁଣ କୁମାର ବିଶ୍ୱାଳ, ଗଙ୍ଗାଧର ପଟ୍ଟନାୟକ ଓ ପୱନ୍ ମଣ୍ଡୋଠିୟା, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରୁ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

